ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 FEBRUARY 2022

Vol.No. 33 ■ No. 47 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ପାଉଛି....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ମୋଦୀ ବନାମ ମନମୋହନ

ନୂଆଦିଲ୍ଲୀ, ୧୭/୦୨ : ପଞ୍ଜାବରେ ପୁଣି କଂଗ୍ରେସକୁ ମୋଦିଙ୍କ ଟାର୍ଗେଟ । ନିର୍ବାଚନ ସମୟରେ କଂଗ୍ରେସକୁ ଟାର୍ଗେଟ କରି ମୋଦି କହିଛନ୍ତି ଯେ, ଲୋକଙ୍କ ଉନ୍ନତିକୁ ଅଣଦେଖା କରି ସବୁବେଳେ ରାଜନୈତିକ ଫାଇଦା ପାଇଁ ପ୍ରୟାସ କରି ଆସିଛି କଂଗ୍ରେସ ଦଳ । ଏହାସହ ଚାଷୀ ପ୍ରସଙ୍ଗ ଉଠାଇ କଂଗ୍ରେସ ଆଡ଼କୁ ଅଙ୍ଗୁଳି ଉଠାଇଛନ୍ତି ପ୍ରଧାନମନ୍ତ୍ରୀ । ସ୍ୱାମୀନାଥନ କମିଟିର ସୁପାରିଶକୁ କାର୍ଯ୍ୟରେ ପରିଣତ କରିବାର ଦାୟିତ୍ୱ କଂଗ୍ରେସ ହାତରେ ଥିଲା । ହେଲେ ସେତେବେଳର ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରି ନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ସେହପରି ମୁଖ୍ୟମନ୍ତ୍ରୀ ଚନ୍ନିଙ୍କ ବୟାନର ମଧ୍ୟ ଜବାବ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ୟୁପି ଓ ବିହାରର ଲୋକଙ୍କୁ ବାହାରର ଲୋକ ବୋଲି ଚନ୍ନିଙ୍କ ବୟାନକୁ ସମାଲୋଚନା କରିଛନ୍ତି ମୋଦୀ । ସେପଟେ ମୋଦୀ ସରକାରଙ୍କୁ ଆଇନା ଦେଖାଇଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ । ସେ କହିଛନ୍ତି , ସବୁକଥାରେ ମୋଦୀ ସରକାର କଂଗ୍ରେସକୁ ଦୋଷ ଦେବା ଛାଡୁ, ବରଂ ନିଜ କାର୍ଯ୍ୟ ଶୈଳୀର ସମୀକ୍ଷା କରୁ । ଚୀନ୍ ଓ ପାକିସ୍ତାନ ପ୍ରସଙ୍ଗରେ ମୋଦୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି ମନମୋହନ । ନେତାଙ୍କୁ ଆଲିଙ୍ଗନ କଲେ କିମ୍ବା ବିନା ନିମନ୍ତ୍ରଣରେ ଯାଇ ବିରିୟାନି ଖାଇବା ଦ୍ୱାରା ସମ୍ପର୍କ ସୁଧୁରି ଯାଏନି । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ମୋଦିଙ୍କ ସାକ୍ଷାତ ଓ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଘରକୁ ମୋଦୀ ଯିବା ପ୍ରସଙ୍ଗରେ ସେ ଇସାରା କରିଛନ୍ତି । ସେ କହିଛନ୍ତି ଯେ, କେନ୍ଦ୍ର ସରକାର ବୈଦେଶିକ ନୀତିରେ ବିଫଳ ହୋଇଛନ୍ତି । କେନ୍ଦ୍ର ସରକାର ଅର୍ଥନୀତି ପରିଚାଳନାରେ ବିଫଳ ହୋଇଥିବା ମଧ୍ୟ କହିଛନ୍ତି ମନମୋହନ ।

ଆଜି ୧୮୬ଟି ଜିଲ୍ଲା ପରିଷଦ ଜୋନରେ ଭୋଟ

ଭୁବନେଶ୍ୱର, ୧୭/୦୨ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ବ୍ୟାପକ ହିଂସା ପରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ରାଜ୍ୟର ୬୮ଟି ବ୍ଲକରେ ୭୪୭ଜଣ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଆସନ୍ତାକାଲି ୬୨.୧୦ଲକ୍ଷ ଭୋଟର ନିର୍ଦ୍ଧାରଣ କରିବେ । ୧୮୬ଟି ଜିଲ୍ଲା ପରିଷଦ ଜୋନ,୧୫୧୪ଟି ପଂଚାୟତରେ ଉଭୟ ସରପଂଚ ଓ ସମିତି ସଭ୍ୟ ପଦବୀ ସମେତ ୨୦୪୩୬ଟି ୱାର୍ଡମେମ୍ବର ନିମନ୍ତେ ଆସନ୍ତାକାଲି ଭୋଟଗ୍ରହଣ ହେବ । ତେବେ ଶାସକ ଦଳକୁ ସୁହାଇବା ଭଳି ପଦକ୍ଷେପ ନେବା ଯୋଗୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ହିଂସା ଓ ଭୟର ବାତାବରଣ ପାଇଁ ବିଭିନ୍ନ ଆଡୁ ସମାଲୋଚନା ହେବାପରେ ଉଭୟ ରାଜ୍ୟ ନିର୍ବାଚନ କମିଶନର ଓ ପୁଲିସ ଡିଜି ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକରେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ହେବ ବୋଲି ଆଶ୍ୱାସନା ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ବ୍ୟାପକ ହିଂସାକାଣ୍ଡ ପରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପଦାରେ ପଡ଼ିବା ସହ ରାଜ୍ୟ ନିର୍ବାଚନ କମିଶନର ଓ ପୁଲିସ ପ୍ରଶାସନର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅବଶ୍ୟ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ହିଂସା ଓ ଗଣ୍ଡଗୋଳ ପାଇଁ ମୋଟ ୩୬ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି । ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବ୍ୟାପକ ହିଂସା ପରେ ଆଜି ରାଜ୍ୟ ନିର୍ବାଚନ କମିଶନର ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ । ଏହି ବୈଠକ ପରେ ପୁଲିସ ଡିଜି ସୁନୀଲ କୁମାର ବନସଲ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗତକାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କେତେକ ସ୍ଥାନରେ ଗଣ୍ଡଗୋଳ ଓ ହିଂସା ହୋଇଛି । ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଉଛି । ▶▶ପୃଷ୍ଠା ୭

ଭୋଟ ପାଇଁ ଚାଲିଛି ଟଙ୍କା ବଣ୍ଟା

ଭୁବନେଶ୍ୱର, ୧୭/୦୨ (ନି.ପ୍ର): ଭୋଟ୍ ପୂର୍ବରୁ ପ୍ରାର୍ଥୀଙ୍କ ଟଙ୍କା ବଣ୍ଟା । ଅର୍ଥ, ମଦ ଦେଇ ଭୋଟ୍ କିଣିବା ଭିଡିଓ ଭାଇରାଲ । ବେକରେ ଫୁଲ ମାଳ, ହାତରେ ନୋଟ ବିଡା । ପଞ୍ଚାୟତ ନିର୍ବାଚନ ପୂର୍ବରୁ ଟଙ୍କା ବିଡା ଧରି ଭୋଟରଙ୍କ ଘରେ ପହଞ୍ଚିଯାଇଛନ୍ତି ପ୍ରାର୍ଥୀ । ଆଉ ତାଙ୍କୁ ଘେରି ରହିଛନ୍ତି, ପାଖ ଆଖ ଘରର ଭୋଟର । ଲୋକଙ୍କୁ ଦେଖାଇ ଟଙ୍କା ଗଣିବା ପରେ ଟଙ୍କା ଦେଇ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବାକୁ ସେ ବାଧ୍ୟ କରୁଛନ୍ତି । ଟଙ୍କା ଦେଇ ଆଉ କଣ ଦରକାର କି ବୋଲି ପ୍ରାର୍ଥୀ ପଚାରୁଛନ୍ତି । ଭାଇରାଲ ହେଉଥିବା ଏହି ଭିଡିଓ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଲାଲମେଣ୍ଢା ପଞ୍ଚାୟତର ବୋଲି କୁହାଯାଉଛି । ଗଣତନ୍ତ୍ରର ମହାପର୍ବ ହେଉଛି ନିର୍ବାଚନ । ଅସାଧୁ ପ୍ରାର୍ଥୀ ଏବେ ନୋଟ୍ ବର୍ଷା କରି ଭୋଟ କିଣୁଛନ୍ତି । ଆଉ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କ ଦ୍ୱାରା ଜନ-ପ୍ରତିନିଧି ବାଛିବାର ମୌଳିକ ପରମ୍ପରା ଏବେ କିଣାବିକାର କାରବାର ପାଲଟିଯାଇଛି । ଭୋଟ ଗ୍ରହଣ ପାଖେଇ ଆସିବା ପରେ ନେତା ଏବେ ନୋଟ୍ ବର୍ଷା କରୁଛନ୍ତି । ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକର କୁସରାଲୋଇ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ଦମୟନ୍ତୀ ସା ଘରକୁ ଘର ବୁଲି ଟଙ୍କା ବାଣ୍ଟୁଛନ୍ତି । ସାଙ୍ଗରେ ସମର୍ଥକଙ୍କୁ ଧରି ଘର ଘର ବୁଲି ଭୋଟରଙ୍କୁ ଟଙ୍କା ଦେଇ ନିଜ ପାଇଁ ଭୋଟ୍ ଯୋଗାଡ କରୁଛନ୍ତି । ଯାହାର ଭିଡିଓ ଭାଇରାଲ ହେବାରେ ଲାଗିଛି ।

ୟୁକ୍ରେନ-ରଷ୍ ବିବାଦରେ ନୂଆ ମୋଡ଼ : ରଷ ଉପରେ ଆମେରିକାର ସନ୍ଦେହ

ନୂଆଦିଲ୍ଲୀ, ୧୭/୦୨ : ୟୁକ୍ରେନ ସୀମାରୁ ସେନା ଅପସାରଣ କରାଯାଉଥିବା ନେଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ କହିବା ପରେ ଆଶା କରାଯାଉଥିଲା ଯେ, ଉତ୍ତେଜନା କମିବ । ହେଲେ ଏବେ ଆମେରିକା ପକ୍ଷରୁ ଯେଉଁ ବୟାନ ଆସିଛି, ତାହା ଘଟଣାକୁ ନୂଆ ମୋଡ଼ ଦେଇଛି । ରଷ ଯେ ସତରେ ୟୁକ୍ରେନ ସୀମାରୁ ସୈନ୍ୟ ହଟାଇଛି, ଏହାକୁ ନେଇ ସନ୍ଦେହ ପ୍ରକଟ କରିଛି ବାଇଡେନ ପ୍ରଶାସନ । ଆମେରିକାର ଅଭିଯୋଗ ଯେ, ରୁଷ୍ ସୈନ୍ୟ ପ୍ରତ୍ୟାହାର କରୁନାହିଁ, ବରଂ ଅଧିକ ସେନା ଏକାଠି କରିବାରେ ଲାଗିଛି । ଆମେରିକା ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରଷ୍ ସୀମାରେ ଅଧିକ ୭ ହଜାର ସେନା ଠୁଳ କରିଛି । ପ୍ରତ୍ୟାହାର କଥା ଏକ ଛଳନା, ଆଉ ଏହାକୁ ବାହାନା କରି କୌଣସି ମୁହୂର୍ତ୍ତରେ ରୁଷ୍ ୟୁକ୍ରେନକୁ ଆକ୍ରମଣ କରିପାରେ ବୋଲି ସେ କହିଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ମଧ୍ୟ ସମାନ କଥା କହିଛନ୍ତି । ତାଙ୍କ କହିବା କଥା ହେଲା, ରଷ୍ କୌଣସି ସେନା ହଟାଇ ନାହିଁ, ବରଂ ସୈନ୍ୟ ପରିବର୍ତ୍ତନ କରିଛି । ବ୍ରିଟେନର ଗୁଇନ୍ଦା ବିଭାଗ ମୁଖ୍ୟ ମଧ୍ୟ ଦାବି କରିଛନ୍ତି ଯେ, ୟୁକ୍ରେନ ସୀମାରେ ଅଧିକ ସେନା ଏକଜୁଟ କରୁଛି । ରୁଷ୍ ୟୁକ୍ରେନ ବିବାଦ ତେଜିବା ପରେ କୂଟନୈତିକ ସମାଧାନ ପାଇଁ ଜର୍ମାନୀ ଓ ଫ୍ରାନ୍ସ ପରି ଦେଶ ପ୍ରୟାସ ଆରମ୍ଭ କରିଥିଲେ ।▶▶ପୃଷ୍ଠା ୭

ନିର୍ବାଚନୀ ହିଂସା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ : ଡିଜିପି

ଭୁବନେଶ୍ୱର, ୧୭/୦୨ (ନି.ପ୍ର): ନିର୍ବାଚନ ସମୟରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି। ପୋଲିସ କୋହଳ ମନୋଭାବ ନଦେଖାଇ କାର୍ଯ୍ୟାନୁଷ୍ଠାନ ନେବ। ନିର୍ବାଚନ ସମୟରେ ଗୋଟିଏ ଦୁଇଟି ସ୍ଥାନରେ ହିଂସା ହୋଇଛି। ଆମେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଅନ୍ୟ ପର୍ଯ୍ୟାୟରେ ଭୋଟିଂ କିଭଳି ହେବ ଶାନ୍ତିପୂର୍ଣ୍ଣ ହେବ ତାହା ଦେଖିବୁ ବୋଲି କହିଛନ୍ତି ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ସୁନୀଲ ବଂଶଲ। ନିର୍ବାଚନୀ ହିଂସା ନେଇ ଗୁରୁବାର ସନ୍ଧ୍ୟାରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି। ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ପୋଲିସ ଡିଜି ସୁନୀଲ କୁମାର ବଂଶଲ ଉପସ୍ଥିତ ଥିଲେ। ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଦେଖାଦେଇଥିଲା। ପୁରୀ ଜିଲ୍ଲାର ବ୍ରହ୍ମଗିରି ବ୍ଲକ ଚାପମାଣିକ ପଂଚାୟତ କାଶିଝରିଆ ଗାଁ ସରକାରୀ ପ୍ରକଳ୍ପ ▶▶ପୃଷ୍ଠା ୭

କୋଟିଆରେ ପଞ୍ଚାୟତ ଭୋଟ : ଆନ୍ଧ୍ରକୁ ମିଳିବ କଡା ଜବାବ

ଭୁବନେଶ୍ୱର, ୧୭/୦୨ (ନି.ପ୍ର): କୋଟିଆ ଗ୍ରାମପୁଞ୍ଜରେ ପଞ୍ଚାୟତ ନିର୍ବାଚନକୁ ଭଣ୍ଡରୁ କରିବାର ଆନ୍ଧ୍ରର ଷଡଯନ୍ତ୍ର ଭିତରେ ଆସନ୍ତାକାଲି ପଡିବାକୁ ଯାଉଛି ଭୋଟ । ଆଇନଶୃଙ୍ଖଳା ଦୃଷ୍ଟିରୁ ଆନ୍ଧ୍ର ସୀମାକୁ ଆଜି ସିଲ୍ କରିଛି ଓଡିଶା ପ୍ରଶାସନ । ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । କୋଟିଆରେ ସର୍ବଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଟକ୍କର ଦେଉଛନ୍ତି । ପୁଲିଂ ପାର୍ଟି ପହଞ୍ଚି ସାରିଛନ୍ତି, ଭୋଟ ଗ୍ରହଣ ପାଇଁ ପ୍ରସ୍ତୁତି ବି ସରିଛି । ରାତି ପାହିଲେ ଭୋଟ ଦେବ କୋଟିଆ ଗ୍ରାମପୁଞ୍ଜ । ଆନ୍ଧ୍ରକୁ ମିଳିବ କଡା ଜବାବ । ଶୁକ୍ରବାର କୋଟିଆରେ ପଞ୍ଚାୟତ ଭୋଟ । ପ୍ରଶାସନ ପ୍ରସ୍ତୁତ, ଲୋକେ ବି ପ୍ରସ୍ତୁତ । ରାତି ପାହିଲେ ଆନ୍ଧ୍ର-ଓଡିଶା ବିବାଦର ବଡ କାରଣ ପାଲଟିଥିବା କୋରାପୁଟ କୋଟିଆରେ ପଡିବ ପଞ୍ଚାୟତ ଭୋଟ । ଏଥିପାଇଁ ପୁଲିସ ମାରୁଛି ପଇଁତରା, ଆଉ ପ୍ରଶାସନ ସାରିଛି ପ୍ରସ୍ତୁତି । ଗତବର୍ଷ ଆନ୍ଧ୍ର ଏଠାରେ ଏକତରଫା ନିର୍ବାଚନ କରିଥିଲା । ଏବେ ପାଳି ଓଡିଶାର ।

ଏନଏସଇର ପୂର୍ବତନ ମୁଖ୍ୟ ଚିତ୍ରା ରାମକ୍ରିଷ୍ଣାଙ୍କ ଘରେ ଆୟକର ବିଭାଗର ଚଢ଼ାଉ

ନୂଆଦିଲ୍ଲୀ, ୧୭/୦୨ : ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଏନଏସଇର ପୂର୍ବତନ ପରିଚାଳନା ନିର୍ଦ୍ଦେଶିକା ଚିତ୍ରା ରାମକ୍ରିଷ୍ଣାଙ୍କ ଘରେ ଆଇଟି ରେଡ୍ । ଚିତ୍ରାଙ୍କ ମୁମ୍ବାଇ ସ୍ଥିତ ଘରେ ଚଢ଼ାଉ କରିଛି ଆୟକର ବିଭାଗର ତଦନ୍ତକାରୀ ଦଳ । ସେ ଓ ତାଙ୍କ ସହଯୋଗୀ ଟିକସ ଫାଙ୍କିବା ମାମଲାରେ ଏହି ଚଢ଼ାଉ କରାଯାଇଛି । ଏନଏସଇର ମୁଖ୍ୟ ଥିବା ବେଳେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କୁ ସହ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବା ନେଇ ଫେବ୍ରୁଆରୀ ୧୧ରେ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ, ସେବି କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପରେ ସେ ବିବାଦ ଘେରକୁ ଆସିଥିଲେ । ଚିଫ୍ ଷ୍ଟାଟେଜିକ ଅଫିସର ଭାବେ ଆନନ୍ଦ ସୁବ୍ରମଣ୍ୟମ ନିଯୁକ୍ତି ବେଳେ ଅନିୟମିତତା କାରଣରୁ ସେବି ତାଙ୍କ ଉପରେ ୩ କୋଟି ଟଙ୍କା ଜରିମାନା ଗସ୍ତରେ ଆସି ପୁଲିସ ଡିଜି ସୁନୀଲ କୁମାର ବନସଲଙ୍କୁ ଭେଟି ଏହି ଘଟଣାର ସିବିଆଇ ତଦନ୍ତ ନିମନ୍ତେ ସୁପାରିଶ କରିବାକୁ ପରାମର୍ଶ ଦେଇଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରେଖା ଶର୍ମା କହିଛନ୍ତି ଯେ, ମମିତା ମେହେର ହତ୍ୟା ମାମଲାରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବା ଦରକାର । କେତେକ ପ୍ରସଙ୍ଗ ଏବେବି ଅସ୍ପଷ୍ଟ ରହିଛି । ତେଣୁ ସିବିଆଇ ତଦନ୍ତ କରାଗଲେ ସବୁ ତଥ୍ୟ ପଦାକୁ ଆସିପାରିବ । ଏଥିପାଇଁ ମମିତା ମେହେର ହତ୍ୟାର ତଦନ୍ତ ସିବିଆଇ ଦ୍ୱାରା କରାଇବା ନିମନ୍ତେ ରାଜ୍ୟ ସରକାରଙ୍କୁ ପୁଲିସ ଡିଜି ସୁପାରିଶ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ସିବିଆଇ ତଦନ୍ତରେ ନୂଆ ତଥ୍ୟପ୍ରମାଣ ପଦାକୁ ଆସିବ ଓ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଇପାରିବ । ପୁଲିସ ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟକୁ ପୁଣିଥରେ ▶▶ପୃଷ୍ଠା ୭

ମମିତା ମେହେର ହତ୍ୟାର ସିବିଆଇ ତଦନ୍ତ ଦାବି କଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର, ୧୭/୦୨ (ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ନିର୍ମମ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି ସପକ୍ଷରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ରେଖା ଶର୍ମା ମତ ଦେଇଛନ୍ତି । ମମିତା ମେହେର ହତ୍ୟାରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦାବି କରି ଉଭୟ କଂଗ୍ରେସ ଓ ବିଜେପି ପକ୍ଷରୁ ଗତ ଦୁଇ ଦିନ ତଳେ ତଥ୍ୟପ୍ରମାଣ ଉପସ୍ଥାପନ କରାଯିବା ପରେ ମହିଳା କମିଶନ ଅଧ୍ୟକ୍ଷା ଆଜି ଓଡ଼ିଶା

ପୌର ନିର୍ବାଚନ ପାଇଁ ପ୍ରକାଶ ପାଇଲା ଚୂଡ଼ାନ୍ତ ବୁଥ୍ ତାଲିକା

ଭୁବନେଶ୍ୱର, ୧୭/୦୨ (ନି.ପ୍ର): ଆସନ୍ତା ପୌର ନିର୍ବାଚନ ପାଇଁ ୱାର୍ଡ ଓ ବୁଥ୍ ତାଲିକା ପ୍ରକାଶ ପାଇଛି । ଏହାକୁ ରାଜ୍ୟ ନିର୍ବାଚନ କମିଶନ ଅନୁମୋଦନ କରିଛନ୍ତି । ସମୁଦାୟ ମୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦ ସଂଖ୍ୟା ୪୮ + ୫୯ = ୧୦୭, ସମୁଦାୟ ମହାନଗର ନିଗମ-୩, ମୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର ସମୁଦାୟ ୱାର୍ଡ ସଂଖ୍ୟା-୧୭୬୩, ମୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର ସମୁଦାୟ ବୁଥ୍ ସଂଖ୍ୟା-୩୧୭୭, ମହାନଗର ନିଗମର ସମୁଦାୟ ୱାର୍ଡ ସଂଖ୍ୟା-୧୬୮, ମହାନଗର ନିଗମର ସମୁଦାୟ ବୁଥ୍ ସଂଖ୍ୟା-୧୪୦୭, ୧୦୭ଟି ପୌର ସଂଖ୍ୟା ଓ ୩ଟି ମହାନଗର ନିଗମର ସମୁଦାୟ ୱାର୍ଡ ସଂଖ୍ୟା ୧୯୩୧ ଓ ବୁଥ୍ ସଂଖ୍ୟା ହେଉଛି ୪୫୮୪ । ଅନୁଗୋଳ ଜିଲ୍ଲାର ଅନୁଗୋଳ ମୁନିସିପାଲିଟିରେ ୨୩ଟି ୱାର୍ଡ ଓ ୪୦ଟି ବୁଥ୍, ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦର ୧୧ଟି ୱାର୍ଡ ଓ ୧୨ଟି ବୁଥ୍, ତାଳଚେର ମୁନିସିପାଲିଟିର ୨୧ଟି ୱାର୍ଡ ଓ ୩୨ଟି ବୁଥ୍ ରହିଛି । ବଲାଙ୍ଗୀର ଜିଲ୍ଲାର ପାଟଣଶଗଡ଼ ବିଜ୍ଞାପିତ ଅଂଚଳ ପରିଷଦର ୧୫ଟି ୱାର୍ଡ ଓ ୨୨ଟି ବୁଥ୍, କଣ୍ଟାବାଂଝି ବିଜ୍ଞାପିତ ଅଂଚଳ ପରିଷଦର ୧୬ଟି ୱାର୍ଡ ଓ ୨୫ଟି ବୁଥ୍, ତୁମୁରା ବିଜ୍ଞାପିତ ଅଂଚଳ ପରିଷଦର ୧୧ଟି ୱାର୍ଡ ଓ ୧୧ଟି ବୁଥ୍, ବଲାଙ୍ଗୀର ମୁନିସିପାଲିଟିର ୨୧ଟି ୱାର୍ଡ ଓ ୮୪ଟି ବୁଥ୍, ଟିଟିଲାଗଡ଼ ମୁନିସିପାଲିଟିର ୧୫ଟି ୱାର୍ଡ ଓ ୨୮ଟି ବୁଥ୍ ରହିଛି । ବାଲେଶ୍ୱର ଜିଲ୍ଲାରେ ବାଲେଶ୍ୱର ମୁନିସିପାଲିଟିର ୩୧ଟି ୱାର୍ଡ ଓ ୯୮ଟି ବୁଥ୍, ଜଳେଶ୍ୱର ମୁନିସିପାଲିଟିର ୧୭ଟି ୱାର୍ଡ ଓ ୨୪ଟି ବୁଥ୍, ସୋର ମୁନିସିପାଲିଟିର ୧୯ଟି ୱାର୍ଡ ଓ ୩୮ଟି ବୁଥ୍, ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦର ୧୩ଟି ୱାର୍ଡ ଓ ୧୫ଟି ବୁଥ୍, ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାର୍ଡ ଓ ୩୬ଟି ବୁଥ୍ ରହିଛି । ବରଗଡ଼ ଜିଲ୍ଲାର ବରଗଡ଼ ମୁନିସିପାଲିଟିର ୧୯ଟି ୱାର୍ଡ ଓ ୭୪ଟି ବୁଥ୍, ବରପାଲ୍ଲୀ ବିଜ୍ଞାପିତ ଅଂଚଳ ପରିଷଦର ୧୧ଟି ୱାର୍ଡ ଓ ୧୯ଟି ବୁଥ୍, ପଦ୍ମପୁର ଏନ୍.ଏ.ସିର ୧୧ଟି ୱାର୍ଡ ଓ ୧୭ଟି ବୁଥ୍, ବିଜେପୁର ଏନ୍.ଏ.ସିର ୧୧ଟି ୱାର୍ଡ ଓ ୧୧ଟି ବୁଥ୍ ରହିଛି । ସେହିପରି ଭଦ୍ରକ ଜିଲ୍ଲାର ବାସୁଦେବପୁର ମୁନିସିପାଲିଟିର ୨୩ଟି ୱାର୍ଡ ଓ ୩୬ଟି ବୁଥ୍, ଭଦ୍ରକ ମୁନିସିପାଲିଟିର ୩୦ଟି ୱାର୍ଡ ଓ ୮୩ଟି ବୁଥ୍, ଚାନ୍ଦବାଲି ଏନ୍.ଏ.ସିର ୧୫ଟି ୱାର୍ଡ ଓ ୨୫ଟି ବୁଥ୍, ଧାମନଗର ଏନ୍.ଏ.ସିର ୧୧ଟି ୱାର୍ଡ ଓ୨୦ଟି ବୁଥ୍ ରହିଛି । ବୌଦ୍ଧ ଜିଲ୍ଲାର ବୌଦ୍ଧ ଏନ୍.ଏ.ସିର ୧୭ଟି ୱାର୍ଡ ଓ ୧୭ଟି ବୁଥ୍ ରହିଛି । କଟକ ଜିଲ୍ଲାର ଆଠଗଡ଼ ଏନ୍.ଏ.ସିର ୧୮ଟି ୱାର୍ଡ ଓ ୧୮ଟି ବୁଥ୍, ବାଙ୍କି ଏନ୍.ଏ.ସିରର ୧୭ଟି ୱାର୍

ଶିକ୍ଷକ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ପାଳିତ

ମାଲକାନଗିରି,୧୭/୨ (ନି.ପ୍ର): ମାଲକାନଗିରି ଜିଲା ସଦର ମହକୁମା ମାଲକାନଗିରି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଶିକ୍ଷକ ରାମକୃଷ୍ଣ ନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ଷଡଙ୍ଗୀ ଯୋଗଦେଇ ରାମକୃଷ୍ଣ ନନ୍ଦଙ୍କ ଜୀବନୀ ଓ ମହତ ଗ୍ରନ୍ଥାବଳୀ ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ଅଧ୍ୟାପକ ଡ . ରଞ୍ଜନ କୁମାର ସ୍ୱାଇଁ ରାମକୃଷ୍ଣ ନନ୍ଦଙ୍କ ଆଦର୍ଶବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଗୌତମ ନାୟକ ଶିକ୍ଷକ ଜୀବନ ବିଷୟରେ ସୁଚିନ୍ତିତ ମତାମତ ସଂକ୍ରାନ୍ତରେ ଉଦବୋଧନ ଦେଇଥିଲେ ।

ପିଉଳ ଭୋଟଗ୍ରହଣ କେନ୍ଦ୍ରରେ ଦିବ୍ୟାଙ୍ଗ ମହିଳା ମୂର୍ଚ୍ଛିତ

ଗଞ୍ଜାମ,୧୭/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ ବ୍ଲକର ପିତଳ ସାତ ନଂବର ବୁଥରେ ଦୀର୍ଘ ସମୟ ଧରି ଧାଡିରେ ଠିଆ ହୋଇରହିବା ଫଳରେ ଜଣେ ଦିବ୍ୟାଙ୍ଗ ମହିଳା ସୁଷମା ମହାନ୍ତି (ମାଣିକ) ମୂର୍ଚ୍ଛିତ ହୋଇ ତଳେ ପଡିଯାଇଥିଲେ । ଭୋଟ୍ ଦେବାକୁ ଅପେକ୍ଷା କରିଥିବା କିଛିବ୍ୟକ୍ତି ତାଙ୍କୁ ଉଠାଇ ପିତଳ ଡାକ୍ତରଖାନାକୁ ନେଇଥିଲେ । ସେଠାରୁ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଭୋଟଗ୍ରହଣ କେନ୍ଦ୍ର ଗୁଡିକରେ ଅବ୍ୟବସ୍ଥା ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଭୋଟର ମାନଙ୍କ ପାଇଁ ପିଇବା ପାଣି, ଦିବ୍ୟାଙ୍ଗମାନଙ୍କ ପାଇଁ ବସିବାସ୍ଥାନ ଓ ଭୋଟରମାନେ ଖରାରୁ ରକ୍ଷା ପାଇବା ପାଇଁ ବୁଥ୍ ସମ୍ମୁଖରେ ଛାମୁଣ୍ଡିଆର ବ୍ୟବସ୍ଥା କରାଯାଇନି । ଏତଦ୍ ବ୍ୟତୀତ ଶେରଗଡ ବ୍ଲକର ୨୨ଟି ପଂଚାୟତରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ କରାଯାଇଛି ।

କାୟାକଳ୍ପ ବଦଳାଇ ଦେଇଛି ଏମଭି ୭୯ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର

ମାଲକାନଗିରି,୧୭/୨ (ନି.ପ୍ର): ଜାତୀୟ ସ୍ତରରେ ଅୟୋଜିତ କାୟାକଳ୍ପ ପ୍ରତିଯୋଗୀତାରେ ପୂର୍ବ ବର୍ଷର ରେକର୍ଡକୁ ଦୋହରାଇବା ପାଇଁ ଚେଷ୍ଟା କରିଛନ୍ତି ଏମଭି ୭୯ ସ୍ୱାସ୍ଥ୍ୟକେନ୍ଦ୍ରର କର୍ତ୍ତୃପକ୍ଷ । ଆଦିବାସୀ ଅଧୁଷିତ ଏହି ଅଂଚଳର ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱଚ୍ଛ ଭାରତ ଅଭିଯାନର ଏକ ଅଂଶ କାୟାକଳ୍ପରେ ସଫଳତା ହାସଲ କରିବା ଲାଗି ଚେଷ୍ଟା ଜାରି ରଖିଥିବା ବେଳେ ବଦଳି ଯାଇଛି ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ । ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାର ସହ କାମ କରି ମେଡିକାଲରେ ଏହିଭଳି ପରିବର୍ତନ ଆଣିବାରେ ସଫଳ ହୋଇଥିବା ବେଳେ କାୟାକଳ୍ପର ଟିମ୍ ର ଗସ୍ତ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଭରିଛି । ଏ ହେଉଛି କର୍ମଚାରୀଙ୍କ ନିଷ୍ଠା ଓ ଅକ୍ଳାନ୍ତ ପରିଶ୍ରମର ଚିତ୍ର । କାୟାକଳ୍ପ ବଦଳାଇ ଦେଇଛି ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର । ସ୍ୱଚ୍ଛ ଭାରତ ଅଭିଯାନର ଏକ ଅଂଶ କାୟାକଳ୍ପ ପ୍ରତିଯୋଗୀତା । ଏଥିରେ ପୂର୍ବ ବର୍ଷ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା ଏମଭି ୭୯ ଆଂଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ଏଥିର ସର୍ବୋଚ୍ଚ ସ୍ଥାନରେ ରହିବା ପାଇଁ ଆଶା ବାନ୍ଧିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ । ଉତମ ରୋଗୀ ସେବା ଓ ଡାକ୍ତରଖାନାର ସୁସ୍ଥ ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସୁସ୍ଥ ବାତାବରଣ, ପରିଷ୍କାର ପରିଚ୍ଛନ୍ନତା ସବୁ କିଛିରେ ଏବେ ବେଶ୍ ଆଗରେ ଏମଭି ୭୯ ଆଂଚଳିକ ସ୍ୱାସ୍ଥ୍ୟକେନ୍ଦ୍ର । ଏହି ମେଡିକାଲ୍ ଗସ୍ତ କରି ଫେରିଛନ୍ତି କାୟାକଳ୍ପର ସ୍ୱତନ୍ତ୍ର ଟିମ୍ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ଏସପି ମହାରଣା, କୋରାପୁଟର ୟୁନିସେଫର ଅଧିକାରୀ ନିହାର ରଞ୍ଜନ ଜେନା, ଶଶାଙ୍କ ଶେଖର ପଣ୍ଡିତ ପ୍ରମୁଖ ମେଡିକାଲର ସମସ୍ତ କର୍ମଚାରୀଙ୍କ ନିଷ୍ଠାକୁ ଭୂରି ଭୂରି ପ୍ରଶଂସା କରିଥିଲେ । ସେପଟେ ପୂର୍ବ ବର୍ଷର ସଫଳତା ଆହୁରି କର୍ମଚାରୀଙ୍କ ମଧ୍ୟରେ ଭରି ଦେଇଥିଲା ଜୋସ୍ । ତେଣୁ ଚଳିତ ବର୍ଷ ମଧ୍ୟ ଭଲ ଫଳାଫଳ ରହିବ ବୋଲି ଆଶା କରିଛନ୍ତି ଏମଭି ୭୯ ଡାକ୍ତର ପ୍ରସନଜିତ ରାୟ । ଉତମ ସ୍ୱାସ୍ଥ୍ୟ ସେବା ଓ ରୋଗୀ ସେବା ଯୋଗାଇ ଆସୁଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର କାୟାକଳ୍ପରେ କେତେ ନମ୍ବର ସ୍ଥାନରେ ରହୁଛି ତାହା ଦେଖିବାକୁ ବାକି ରହିଲା ।

‘ମେମୋ ଟ୍ରେନ୍’ ଚଳାଚଳ ସହ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ଏବଂ ବରିଷ୍ଠ ନାଗରିକଙ୍କୁ ପୂର୍ବରୁ ପ୍ରଦତ୍ତ ରିହାତି ପ୍ରଦାନ ନିମନ୍ତେ ସ୍ମାରକ ପତ୍ର ପ୍ରଦାନ ନିଷ୍ପତ୍ତି

ବ୍ରହ୍ମପୁର,୧୭/୨ (ନି.ପ୍ର): ଉତ୍କଳ ଆଶ୍ରମ ପାଠାଗାର ସଭାଗୃହରେ ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଂଚର ସାଧାରଣ ସଭା ସଭାପତି ରାଧା ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ’ଫୁଲବାମା ଶହିଦ’ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସୁଗାୟିକା ଭାରତ ରତ୍ନ ଲତା ମଙ୍ଗେସକର ଏବଂ ବିଶିଷ୍ଟ ସଂଗୀତଜ୍ଞ ଗାୟକ ବାପି ଲାହିରୀଙ୍କ ଦେହାନ୍ତରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏଥିସହିତ ଅନୁଷ୍ଠାନର କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀଙ୍କ ସ୍ମୃତି ଚାରଣ କରି ଆତ୍ମାର ସଦଗତି କାମନା କରାଯାଇ ଥିଲା । ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ପ୍ରସଙ୍ଗ କ୍ରମେ ’ସମସ୍ତ ସାଧାରଣ ଯାତ୍ରୀବାହୀ ବାହୀ ରେଳ ’ମେମୋ ଟ୍ରେନ’ ଚଳାଚଳ କରିବା ସହ ସମ୍ପୂର୍ଣ୍ଣ ଭାବରେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ସାଧାରଣ ଭଡ଼ା ଲାଗୁ କରାଯିବା ଏବଂ ବରିଷ୍ଠ ନାଗରିକ ମାନଙ୍କୁ ସମସ୍ତ ’ଦ୍ରୁତ ଗାମୀ ରେଳ’ ରେ ପୂର୍ବରୁ ପ୍ରଦତ ରିହାତି ପ୍ରଦାନ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିଲା ।

ପ୍ରକାଶ ଥାଉ କି, ଏଥି ସମ୍ପର୍କରେ ଗତ ୨୮/୦୨/୨୦୨୧ରେ ଅନୁଷ୍ଠାନ ତରଫରୁ ପତ୍ର ପ୍ରଦାନ କରି ଅନୁରୋଧ କରାଯାଇଥିଲା । ଏଥି ସହିତ ବ୍ରହ୍ମପୁର ସମ୍ବଲପୁର ରେଳପଥ ନିର୍ମାଣ ପାଇଁ ନିଆଯାଇଥିବା ନିଷ୍ପତିକୁ ସ୍ୱାଗତ କରାଯାଇ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ବର୍ତମାନ ଓଡ଼ିଶାରେ ଚାଲିଥିବା ପଚାଂୟତ ନିର୍ବାଚନ ଏବଂ ଉତର ପ୍ରଦେଶ ସମେତ ଅନ୍ୟ ରାଜ୍ୟ ମାନଙ୍କରେ ଚାଲିଥିବା ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଘଟୁଥିବା ହିଂସା ନିମନ୍ତେ ଘୋର ଉଦବେଗ ପ୍ରକାଶ ପାଇଥିଲା । ଏହାକୁ ହିଂସା ମୁକ୍ତ ଅବାଧ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ନେତୃବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା ।

ଏହି ଅବସରରେ ବର୍ତମାନ ଦେଖାଦେଇଥିବା ମହାଶକ୍ତି ଋଷ ଓ ୟୁକ୍ରେନର ଯୁଦ୍ଧ ମୁହାଁ ପରିସ୍ଥିତି ବିଶ୍ୱ ଯୁଦ୍ଧର ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି ଏହାକୁ ତୁରନ୍ତ ବନ୍ଦ କରିବାକୁ ଆନ୍ତର୍ଜାତୀୟ ସ୍ତରରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଶ୍ୱ ସମୁଦାୟକୁ ଅନୁରୋଧ କରାଯାଇଥିଲା । ଏହି ଆଲୋଚନା ସଭାରେ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ଡାକ୍ତର ପ୍ରାଣଚାନ୍ଦ ପଣ୍ଡା, ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ଡ. ସୂଚନା ପାଢ଼ୀ, ହାଡିବନ୍ଧୁ ମାଳି, ବିଚିତ୍ରାନନ୍ଦ ବେବର୍ତା, ସୁବାସ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ଲଡୁକେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସଚିନ ବେହେରାଙ୍କ ନୂତନ ବିଶ୍ୱ ରେକର୍ଡ: ଗ୍ରାମରେ ସମ୍ବର୍ଦ୍ଧନା

ନୂଆପଡ଼ା,୧୭/୨ (ନି.ପ୍ର): ସୁପରିଚିତ ସଚୀନ ବେହେରା ପାଂଚକେଜି ଏଲ ୱେଟ ବାନ୍ଧି ତିନି ମିନିଟ ଆଣ୍ଠୁ ପ୍ରଘାତ ବା ନିଷ୍ଠାଇକ କରି ପୂର୍ବରୁ ପାକିସ୍ଥାନର ମୁଷ୍ଟିଯୋଦ୍ଧା ମହମ୍ମଦ ରସିଦଙ୍କ ନାମରେ ଥିବା ୧୭୮ ନିଷ୍ଠାଇକକୁ ଭାଙ୍ଗି ୨୦୪ ଆଣ୍ଠୁ ପ୍ରଘାତ କରି ନୂତନ ଗିନିଜ୍ ବୁକ ରେକର୍ଡ ସ୍ଥାପନ କରିଛନ୍ତି । ତାଙ୍କର ଏହି କୃତିତ୍ୱ ଯାଇ ସାରା ଓଡ଼ିଶାର କୋଣ ଅନୁକୋଣରୁ ସଚିନଙ୍କ ପାଖକୁ ପ୍ରଶଂସା ଓ ଶୁଭେଚ୍ଛାର ସୁଅ ଛୁଟିଥିଲା ବେଳେ ଆଜି ନିଜ ଗ୍ରାମ ଲରକା ଆଜି ସ୍ୱାଗତ ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି କ୍ଷନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ଲରକା ଗ୍ରାମର ପିତା ଲକ୍ଷ୍ମୀପ୍ରସାଦ ବେହେରା ଏବଂ ଆରତୀ ବେହେରାଙ୍କ ପୁତ୍ର ସଚିନ ବେହେରା ପିଲାଟି ବେଳରୁ ପାଠ ପଢିବା ସମୟରେ ଖେଳ ପ୍ରତି ରବି ରଖୁଥିଲେ । ଏଥିପାଇଁ ପିତାମାତା ସଚିନକୁ ପ୍ରୋତ୍ସାହନ ଦେଇ ଆସୁଥିଲେ । ତେଣୁ ସଚିନ ଖେଳରେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରୁଥିଲେ । ପ୍ରଥମେ ସେ ୧୦୦ ମିଟର ଧାବକ ଭାବରେ ପରିଚିତ ଥିଲେ । ଖାଲି ସେତିକି ନୁହେଁ ସଚିନଙ୍କ ଇଚ୍ଛା ଥିଲା ସେ ଆଣ୍ଠୁ ପ୍ରଘାତରେ ବିଶ୍ୱରେକର୍ଡ଼ କରି ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିବେ । ସେଥିପାଇଁ ସଚିନ ଦିନକୁ ୧୦ ଘଂଟାର କଠିନ ପରିଶ୍ରମ କରୁଥିଲେ ଏବଂ ଦୀର୍ଘ ଗରିମାସ କାଳ ଅକ୍ଳାନ୍ତ ପରିଶ୍ରମ କରି ନିଜ ନାମ ଗିନିଜ ବୁକରେ ଲିପିବଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ଆଜି ତାଙ୍କ ସ୍ୱପ୍ନ ପୂରଣ ହୋଇଥିବାରୁ ସଚିନ ତାଙ୍କ ସଫଳତା ପାଇଁ ପିତାମାତାଙ୍କ ସମେତ ପ୍ରଶିକ୍ଷକମାନଙ୍କୁ ସବୁ ଶ୍ରେୟ ଦେଇଛନ୍ତି ।

ମୋ ସ୍କୁଲ ଅଭିଯାନକୁ ଦୁଇଲକ୍ଷ ଟଙ୍କା ଦେଲେ ପୁରାତନ ଛାତ୍ର

ଆନନ୍ଦପୁର,୧୭/୨ (ନି.ପ୍ର): ଆନନ୍ଦପୁର ପୌରାଞ୍ଚଳ ଶାଳପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ପ୍ରଫେସର ଡ. ଗଙ୍ଗାଧର ମିଶ୍ର ମୋ ସ୍କୁଲ୍ ଅଭିଯାନକୁ ଦୁଇଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ପ୍ରଫେସର ମିଶ୍ର ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ମିଶ୍ର, ଶିକ୍ଷୟିତ୍ରୀ ନଳିନୀପ୍ରଭା ଓଝା, ଭାରତୀ ଅନିମା ଜେନା, ନିବେଦିତା ରାଉତ, ପ୍ରତାପ କୁମାର ପାଗଳ ଓ ସତ୍ୟରଞ୍ଜନ ରାଉତ, ବିଦ୍ୟାଳୟର ପୁରାତନ ଛାତ୍ର ତଥା ମୋ ସ୍କୁଲ୍ ଅଭିଯାନର ସଦସ୍ୟ ସରୋଜ ଶତପଥୀ, ରବୀନ୍ଦ୍ର ଦାଶ, ଗୋବିନ୍ଦ ପତି, ପୁରନ୍ଦର ମିଶ୍ର, ରବୀନ୍ଦ୍ର କୁମାର ପତି, ମନୋଜ ଦାଶ, ହୃଦାନନ୍ଦ ସେନାପତି, ପାର୍ଥସାରଥି ଦାଶ, ହେମନ୍ତ ପତି, ବ୍ରଜକିଶୋର ମିଶ୍ର, ରାଜେନ୍ଦ୍ର ପ୍ରସାଦ ଦାଶ, ପ୍ରେମାନନ୍ଦ ଦାଶ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏଥିରେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରାଣବଲ୍ଲଭ ଜେନା ଉପସ୍ଥିତ ଥିଲେ । ପ୍ରଫେସର ମିଶ୍ର ମୋ ସ୍କୁଲ୍ ଅଭିଯାନ ଉଦ୍ଦେଶ୍ୟରେ ଦୁଇଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ପ୍ରଫେସର ମିଶ୍ର ଶାଳପଡ଼ା ରଘୁନାଥପୁରଶାସନ ନିବାସୀ ଅବରସପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ କରୁଣାକର ମିଶ୍ରଙ୍କ ସୁପୁତ୍ର । ସେ ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ, ପ୍ରାଧାପକ ଓ ପ୍ରଫେସର ଭାବେ କାର୍ଯ୍ୟ କରିବା ସହ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇ ୨୦୧୪ ମସିହାରେ ଅବସର ଗ୍ରହଣ କରିଥିଲେ ।

ଯକ୍ଷ୍ମା ରୋଗର ଲକ୍ଷଣ ସଂପର୍କରେ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୭/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ କେନ୍ଦ୍ର ଯକ୍ଷ୍ମା ରୋଗ ଡିଭିଜନ ଆନୁକୂଲ୍ୟରେ ଯକ୍ଷ୍ମା ରୋଗର ଲକ୍ଷ୍ୟଣ ସଂପର୍କରେ ଏକ ଦିନିକିଆ ସମୀକ୍ଷା ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ୯ଟି ବ୍ଲକର ଗୋଟିଏ ଲେଖାଁ ଗ୍ରାମକୁ ନେଇ ଗ୍ରାମରେ ଯକ୍ଷ୍ମା ରୋଗର ଲକ୍ଷ୍ୟଣ ଥିବା ବ୍ୟକ୍ତି ମାନଙ୍କୁ ଚିହ୍ନଟ କରିବା ସେମାନଙ୍କର କଫ, ରକ୍ତ ଆଦି ଟେଷ୍ଟ କରିବା ଏବଂ ଗ୍ରାମରେ ଥିବା ଯକ୍ଷ୍ମା ରୋଗୀଙ୍କୁ ଠିକା ଭାବରେ ଚିକିତ୍ସା କରାଯାଉଛି କି ନାହିଁ , ସେମାନଙ୍କୁ ଔଷଧ ଦିଆଯାଉଛି କି ନାହିଁ, ଏହି ରୋଗୀ ମାନେ ଔଷଧ ଖାଉଛନ୍ତି କି ନାହିଁ ଏ ସବୁର ସମୀକ୍ଷା କରାଯାଇଛି । ସ୍ୱାସ୍ଥ୍ୟ କର୍ମକର୍ତା ଓ ସ୍ୱେଚ୍ଛାସେବୀ କର୍ମୀ ମାନଙ୍କୁ ଏକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଯକ୍ଷା ରୋଗ ଅଧିକାରୀ ଡାକ୍ତର ପି.କେ ହୋତା, ଡବ୍ଲୁ.ଏଚ.ଓ ଯକ୍ଷ୍ମା ରୋଗର ସଂଯୋଜକ ଡାକ୍ତର ରଞ୍ଜିତା ନାୟକ, କିମ୍ବର ଡାକ୍ତର ଅଳ୍ପନା ମିଶ୍ର, ଜିଲ୍ଲା ଯକ୍ଷା ରୋଗ ଅଧିକାରୀ ପି.କେ ବେହେରା ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଅଂଚଳରେ ବିକାଶ ପାଇଁ କଂଗ୍ରେସକୁ ଭୋଟ ଦେବାକୁ ନରସିଂହ ଅନୁରୋଧ

ବଲାଙ୍ଗିର,୧୭/୨ (ନି.ପ୍ର): ଲୋଇସିଂହାବାସୀ ଗତ ନିର୍ବାଚନ ମାନଙ୍କରେ ଗୋଟିଏ ଦଳର ବିଧାୟକ, ସାଂସଦ, ଜିଲ୍ଲା ପରିଷଦଙ୍କ ସପକ୍ଷରେ ଭୋଟଦାନ କରିଥିଲେ । ଆଜି ନିର୍ବାଚନ ଗସ୍ତ ସମୟରେ ଗାଁ ଗୁଡିକରେ ଲୋକେ କହୁଛନ୍ତି ଜନ ପ୍ରତିନିଧିଙ୍କ ଦେଖାନାହିଁ । ଭୋଟ ପାଇ ସାରିଲା ପରେ ସମସ୍ତେ ଉଭାନ । ରାସ୍ତା ଘାଟ, ପାନୀୟ ଜଳ, ଶିକ୍ଷା ସ୍ୱାସ୍ଥ୍ୟ ବିଭାଗ ଅତି ସଙ୍ଗିନ । ୨୫ ବର୍ଷ ପୂର୍ବେ କଂଗ୍ରେସ ଅମଳରେ ଯାହା କିଛି ବିକାଶ ହୋଇଥିଲା ସେତିକି ରେ ଆଜି ପର୍ଯ୍ୟନ୍ତ ଲୋକେ ଚଳୁଛନ୍ତି । ତେଣୁ ଏହି ଜିଲ୍ଲାପରିଷଦ ନିର୍ବାଚନ ପରିବର୍ତନ ନିହାତି ଜରୁରି । ଯିଏ କାମ କରିନାହିଁ ଲୋକେ କଦାପି ତାଙ୍କୁ ଭୋଟ ଦିଅନ୍ତୁ ନାହିଁ । ମୋର ଅନୁରୋଧ ଲୋଇସିଂହା ତଥା ୩୩ ନଂ. ଜୋନର ବିକାଶ ପାଇଁ କଂଗ୍ରେସ ଦଳର ପ୍ରାର୍ଥୀ ତନୟା ବେହେରାଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ, ଆପଣଙ୍କ ଅଂଚଳ ନିଶ୍ଚିତ ବିକଶିତ ହେବ ବୋଲି ଆଜି ଏହି ଜୋନର ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିର୍ବାଚନି ସଭାମାନଙ୍କରେ କହିଛନ୍ତି । ୩୩ ନଂ. ଜୋନ ଅନ୍ତର୍ଗତ ଲୋଇସିଂହାର ଖ୍ରୀଷ୍ଟିୟାନପଡା, ଢୋଲ ମହୁଲ, ନୂଆଁପଡା, ତିଅରପଡା, ଡେଲିମାର୍କେଟ, ଦଳିତ ପଡା, ଦୁର୍ଗାମଣ୍ଡପ ଛକ, ପାନେସରା ଓ ବାଞ୍ଜିପାଲି ଗ୍ରାମରେ ନିର୍ବାଚନ ସଭାମାନଙ୍କରେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଅଂଚଳର ଆଦିବାସୀମାନେ ବହୁତ କ୍ଷୁବ୍ଧ ଅଛନ୍ତି । ତାଙ୍କର ଏହି ନିର୍ବାଚନରେ ସାନ୍ନିଧାନିକ ଅଧିକାରକୁ ଛଡେଇ ନିଆଯାଇଛି । ଏଥିରୁ ସରକାରମାନେ ବୁଝିଯିବା ଦରକାର ଆଦିବାସୀମାନେ ନିରୀହ ସତ କିନ୍ତୁ ନିଜର ଅଧିକାର ପାଇଁ ସେମାନେ ମୁହଁ ନିଶ୍ଚୟ ଖୋଲିବେ । ତେଣୁ ଏହି ଆଦିବାସୀ, ପଛୁଆ ବର୍ଗ ବିରୋଧି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଉଚିତ ଜବାବ ଦେବା ପାଇଁ ଏହି ନିର୍ବାଚନ ରେ ଏହି ବର୍ଗର ଲୋକେ ଉଭୟ ଦଳକୁ ବରଖାସ୍ତ କରନ୍ତୁ ଏବଂ କଂଗ୍ରେସର ହାତ ଚିହ୍ନରେ ଭୋଟ ଦେଇ ତନୟ ବେହେରାଙ୍କୁ ବିଜୟୀ କରାନ୍ତୁ । ଆଜି ଏହି ନିର୍ବାଚନି ସଭାମାନଙ୍କରେ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା ଓ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରି ମିଲନି ସାହୁ ପ୍ରାର୍ଥିନୀଙ୍କ ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହ ଲୋଇସିଂହାରେ କଂଗ୍ରେସ ବିଧାୟକଙ୍କ ଅମଳରେ ଲୋଇସିଂହାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ବାବଦରେ ଲୋକଙ୍କୁ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ନିର୍ବାଚନି ସଭାମାନଙ୍କରେ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ, କଂଗ୍ରେସ ଯୁବନେତା ସରୋଜ ବିଶ୍ୱାଳ, ଅଶୋକ ବେହେରା, ରଂଜନ ବେହେରା, ଟିକୁ ପାଣ୍ଡିଆ, ରଂଜିତ ରଏ, ଶିବ ଅଗ୍ରୱାଲ ଏବଂ ମୋହିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ପୁଅର ଟାଙ୍ଗିଆ ଚୋଟରେ ମା’ ଗୁରୁତର

ଅଭିଯୁକ୍ତ ପୁଅର ଟାଙ୍ଗିଆ ସହ ଥାନାରେ ଆତ୍ମସମର୍ପଣ

କନ୍ଧମାଳ,୧୭/୨ (ନି.ପ୍ର): ସାମାନ

କାର୍ଯ୍ୟାଳୟରେ ସତର୍କତା

ପ୍ରାୟ ୨୫%ରୁ ଅଧିକ କର୍ମଚାରୀ ଲୋକ କାର୍ଯ୍ୟାଳୟରେ କାମ ଚାପରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିଥାନ୍ତି । ଏହା କାରଣରୁ ସେମାନଙ୍କ ଜୀବନଶୈଳୀ ପ୍ରଭାବିତ ହେବା ସହ ଖୁବ୍ କମ୍ ଦିନରେ ରୋଗାକ୍ରାନ୍ତ ମଧ୍ୟ ହୋଇଥାନ୍ତି । ଏପରିସ୍ଥଳେ କର୍ମଜୀବି ଲୋକ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ ।

♦କାମ କରୁଥିବା ସମୟରେ ଭୋକ ଲାଗିବା ଏକ ସ୍ୱାଭାବିକ କଥା । ଏଇ ସମୟରେ ଚିପ୍ସ, ଜଙ୍କ୍ ଫୁଡ୍ କିମ୍ବା ମୃଦୁପାନୀୟ ନ ଖାଇପିଇ ବରଂ ହେଲ୍‌ଦି ସ୍ନାକ୍ସ ଖାଇବା ଉଚିତ । କାମ କରୁଥିବାବେଳେ ଚା'ଓ କଫି ଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ । ଘରୁ ତିଆରି କରି ଖାଦ୍ୟ ନେଇପାରିବେ ନଚେତ୍ ବାଦାମ, ପେସ୍ତାବାଦାମ ଇତ୍ୟାଦି ବିଭିନ୍ନ ପ୍ରକାର ଡ୍ରାଏଫ୍ରୁଟସ୍ ମିଶାଇ ଏକ ସ୍ନାସ୍କ ପ୍ରସ୍ତୁତ କରିପାରିବେ । ଫଳ ମଧ୍ୟ କିଣି ସାଥିରେ ନେଇଯାନ୍ତୁ, ଭୋକ ଲାଗିଲେ ଆପଣ ସେସବୁ ମଧ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

♦କାର୍ଯ୍ୟାଳୟରେ ଥିବା ସମୟରେ ପାଣି ଆବଶ୍ୟକ ପରିମାଣରେ ପିଅନ୍ତୁ । ପୂରା ସମୟ ଡେସ୍କ ପାଖରେ ପାଣିବୋତଲଟିଏ ରଖନ୍ତୁ । ବଜାରରୁ ମୃଦୁପାନୀୟ କିମ୍ବା ଫଳରସ କିଣି ଆଣି ପିଇବା ପରିବର୍ତ୍ତେ ନିଜ ସିଟ୍‌ରେ ନବସି ମଝିରେମଝିରେ ଏପାଖ ସେପାଖ ହେବା ଜରୁରୀ । ଏପରି ନ କଲେ ପରବର୍ତ୍ତୀ ସମୟରେ ତାହା କାରଣରୁ ଆଣ୍ଠୁଗଣ୍ଠି, ଅଣ୍ଟା ବ୍ୟଥା ହେବା ସହ ଓଜନ ବଢ଼ିବାର ଆଶଙ୍କା ସର୍ବାଧିକ । ବିଶେଷଜ୍ଞଙ୍କ ମତରେ କାମ କରୁଥିବା ସମୟରେ ମଝିରେମଝିରେ ଉଠି ଚଲାବୁଲା କଲେ, ତାହା ମାନସିକ ଶାନ୍ତି ମଧ୍ୟ ଦେଇଥାଏ ।



♦କାର୍ଯ୍ୟାଳୟରେ କାମ କରୁଥିବାବେଳେ ନିଜ ଶରୀରର ଜଳୀୟ ଅଂଶକୁ ଠିକ୍ ରଖିବା ନିମନ୍ତେ ପାଣିରେ ହିଁ ନିଜ ଶୋଷ ମେଣ୍ଟାଇବାକୁ ଚେଷ୍ଟା କରିବା ଉଚିତ । ଏସବୁ ପାନୀୟ ପିଇଲେ ମଧୁମେହ ସହ ଓଜନ ବର୍ଦ୍ଧିବାର ଆଶଙ୍କା ଥାଏ ।

♦କାମ କରି ଭାରାକ୍ରାନ୍ତ ଲାଗିଲେ କିଛି ସମୟ ପାଇଁ ନିଜ ମନପସନ୍ଦର ଗୀତ ଶୁଣି କାମ ଆରମ୍ଭ କରନ୍ତୁ । ଦେଖିବେ, ଖୁବ୍ ଫୂର୍ତ୍ତି ଲାଗିବ । କାମର ଚାପରୁ ମୁକ୍ତି ପାଇବା ନିମନ୍ତେ ଏହା ଏକ ସୁନ୍ଦର ତଥା ସରଳ ଉପାୟ ।

♦ଲଗାତାର କମ୍ପ୍ୟୁଟର୍ ସ୍କ୍ରିନ୍ ଆଡକୁ ଚାହିଁ କାମ ମଧ୍ୟ ଆଖି ଉପରେ ଖୁବ୍ ଚାପ ପଡେ । ଘଣ୍ଟେ କିମ୍ବା ଦୁଇ ଘଣ୍ଟା କାମ କରିବା ପରେ ୧୦ ମିନିଟ୍ ପାଇଁ ଆଖି ବନ୍ଦ କରି ବସନ୍ତୁ । ଲହା ପରେ ପୁଣି କାମ ଆରମ୍ଭ କରିପାରିବେ ।

ଘରେ ତିଆରି କରନ୍ତୁ ଭେଜ୍ ମୋମୋ

ଆବଶ୍ୟକ ସାମଗ୍ରୀ: ମଇଦା, ଲୁଣ, କଟା ଅଦା, କଟା ରସୁଣ, କଟା କଁ। ଲଙ୍କା, କଟା ପିଆଜ, କଟା ଗାଜର, ବନ୍ଧାକୋବି, ଗୋଲମରିଚ ଗୁଣ୍ଡ ଓ ତେଲ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ କିଛି ମଇଦା ନିଅନ୍ତୁ। ସେଥିରେ ପାଣି ଓ ଲୁଣ ପକାଇ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ତା' ଉପରେ ଅଳ୍ପ ରିଫାଇନ ତେଲ ପକାଇ ଢାଙ୍କି ଦିଅନ୍ତୁ। ଏହା କରିବା ଦ୍ୱାରା ମଇଦାଟି ସଫ୍ଟ ହେବ ।

ପରେ ମୋମୋ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲେ ସେଥିରେ କଟା ଅଦା, କଟା ରସୁଣ, କଟା କଁ। ଲଙ୍କା ଓ କଟା ପିଆଜ ପକାଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ କଟା ଗାଜର ଓ ବନ୍ଧାକୋବି ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ କିଛି ସମୟ ପାଇଁ ଫ୍ରାଏ କରନ୍ତୁ। ଏହା ଫ୍ରାଏ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ପରେ ଚକଟି ରଖିଥିବା ମଇଦାକୁ ପୁରି ଆକାରରେ ବେଲନ୍ତୁ। ତା' ଭିତରେ ମସଲାକୁ ପୁରାଇ ମୋମୋ ଆକାରରେ ଗଢ଼ନ୍ତୁ। ପରେ ଇଟଲି ଛା*ରେ ତେଲ ମାରି ଗଢ଼ି ରଖିଥିବା ମୋମୋକୁ ରଖି ଢାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ଇଟଲି ଛା*କୁ ତଳକୁ ଓହ୍ଲାଇ ଦିଅନ୍ତୁ। ଇଟଲି ଛା*ର ଢାଙ୍କୁଣିକୁ କାଢ଼ି ମୋମୋ ଗୁଡ଼ିକ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଭେଜ୍ ମୋମୋ।

ସକାଳେ ଜଳଖିଆର ଆବଶ୍ୟକତା

ସଂଖ୍ୟାଧିକ ମେଦବହୁଳ ରୋଗୀଙ୍କ ମତାମତ ନିଆଯାଇଥିଲା, ସେମାନଙ୍କ ମଧ୍ୟରୁ ୫୦-୬୦% ଦୈନିକ ସକାଳ ଜଳଖିଆ କରୁନଥିବାର ପ୍ରକାଶ କରିଥିଲେ । ଓଜନ କମ୍ କରିବାକୁ ସେମାନେ ଏହି ପଦକ୍ଷପ ନେଇଥିଲେ । ହେଲେ ଏହି କାରଣରୁ ଯେ ସେମାନଙ୍କ ଓଜନ ବଢୁଛି, ସେମାନେ ଅବଗତ ନୁହନ୍ତି । ସକାଳୁ ଉଠିବାର ଅତିବେଶୀରେ ୧୫ ରୁ ୨୦ ମିନିଟ୍ ମଧ୍ୟରେ ହିଁ ଜଳଖିଆ ନେବା ଉଚିତ । ପୂରା ଦିନ ସତେଜ ରହିବାକୁ ଚାହୁଁଥିଲେ, ଜଳଖିଆ ଭଲଭାବରେ ଖାଇନିଅନ୍ତୁ । ପରୀକ୍ଷାରୁ ଜଣାପଡିଛି ଯେ ସକାଳ ଜଳଖିଆ ଖାଉନଥିବା ଲୋକଙ୍କୁ ହିଁ ମଧୁମେହ ଆକ୍ରାନ୍ତର ଆଶଙ୍କା ରହିଥାଏ । ସକାଳ ଜଳଖିଆ ମସ୍ତିଷ୍କ ଉତ୍ତମ ପ୍ରଭାବ ପକାଇଥାଏ । ଏଣୁ ପିଲାଠାରୁ ବଡା ପର୍ଯ୍ୟନ୍ତ ସମସ୍ତେ ରୁଡା, ମୁଡି, ଚା-ରୁଟି ଅବା ଉପମା, ଯାହା କିଛି ବି ପସନ୍ଦ, ତାହା ଖାଇବା ଭଲ । ନିୟମିତ ଭାବେ ଜଳଖିଆ କରୁଥିବା ଲୋକଙ୍କୁ ରକ୍ତଚାପ ରୋଗ ହେବାର ଆଶଙ୍କା ଯଥେଷ୍ଟ କମ୍ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ପେଟ ଭର୍ତ୍ତି ରହିଲେ ଚିଡଚିଡାପଣ ମଧ୍ୟ ଲାଗେନାହିଁ ଓ ମନ ଶାନ୍ତ ରହେ । ଭୋକ ହେଉନଥିବା ଲୋକ ହିଁ ଶୀଘ୍ର ଅବସାଦର ଶିକାର ହୋଇଥାନ୍ତି । ଏପରିକି ଜଳଖିଆ ନ ଖାଇଲେ ଯକୃତ ରୋଗ ହେବାର ଆଶଙ୍କା ସର୍ବାଧିକ । ରାତ୍ରିଭୋଜନ ଓ ସକାଳ ଜଳଖିଆ ମଧ୍ୟରେ ଅତିବେଶୀ ବ୍ୟବଧାନ ରାଖିବା ଅନୁଚିତ ।

ଶୀତରେ ଅଧିକ ଭୋକ ଲାଗିବାର କାରଣ...

ବିଭିନ୍ନ ବର୍ଗ ଓ ବୟସର ଲୋକଙ୍କୁ ସାମିଲ କରାଯାଇ ଜାପାନର ଗବେଷକଦଳ ଏକ ଅନୁଧ୍ୟାନ କରିଥିଲେ । ପ୍ରାୟ ୪୫% ରୁ ଅଧିକ ଲୋକଙ୍କ ମତ ଥିଲା ଶୀତଦିନେ ସେମାନଙ୍କୁ ବାରମ୍ବାର ଭୋକ ଲାଗିଥାଏ । ଏହା ପଛର କାରଣ ମଧ୍ୟ ସ୍ୱଷ୍ଟ ହୋଇଥିଲା ।

♦ଥଣ୍ଡା ପରିବେଶ କାରଣରୁ ଆମକୁ ଅଧିକ ଶୋଷ ଲାଗେନାହିଁ, ଯାହାର ଫଳସ୍ୱରୂପ ଡିହାଇଡ୍ରେସନ୍ ହୋଇଥାଏ । ଏହା ସହ ଘରଭିତରେ ରୁମ୍‌ହିଟର୍ ଚାଲିବା ସହ ଗରମ ପୋଷାକ ପିନ୍ଧିଥାଉ । ଏସବୁ କାରଣରୁ ଶରୀର ଆମର ହାଇଡ୍ରେଟ ହୋଇ ରୁହେ । ଶୋଷ ଏଭଳି ସମୟରେ ନ ଲାଗିବା ସହ ବାରମ୍ବାର ଭୋକ ଲାଗିଥାଏ ।

♦ବିଶେଷଜ୍ଞଙ୍କ ଅନୁଧ୍ୟାନରୁ ଜଣାପଡିଛି ଯେ, ଶୀତଦିନେ କୁହୁଡିଆ ପାଗ କାରଣରୁ ଲୋକେ ସିଜନାଲ ଆଫେକ୍ଟିଭ ଡିସଅର୍ଡରରେ ଆକ୍ରାନ୍ତ ହୋଇଥାନ୍ତି । ଏହା କାରଣରୁ ମଧ୍ୟ ବାରମ୍ବାର ଭୋକ ଲାଗୁଥିବାର ପ୍ରକାଶ ।

♦ଶୀତଦିନେ ବାହାରର ତାପମାତ୍ରା କାରଣରୁ ମଧ୍ୟ ଆମ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ ଓ ଭୋକ ଲାଗିବାର ତାହା ଅନ୍ୟତମ କାରଣ ବୋଲି ଜଣାପଡିଛି ।

ଶୀତରେ ଶାଢ଼ିର ଫେସନ୍

ଡିଜାଇନର ମନିଷ ମଲହୋତ୍ରାଙ୍କ ମତରେ ବିଦେଶରେ ହେଉଥିବା ଭାରତୀୟ ଓ୍ୱେଡିଂରେ ଏହି ଲେଦର ଜ୍ୟାକେଟ୍ ଓ୍ୱିଥ୍ ଶାଢି ପିନ୍ଧାର ଚାହିଦା ସବୁଠୁ ଅଧିକ। କେବଳ ଭାରତ ନୁହେଁ, ବରଂ ବିଶ୍ୱର ଅନ୍ୟ ପ୍ରାନ୍ତରେ ମଧ୍ୟ ଏବେ ବିବାହର ଋତୁ ଲାଗିଛି । ଲୋକେ ଆଜିକାଲି ଡେଷ୍ଟିନେସନ୍ ଓ୍ୱେଡିଂକୁ ଅଧିକ ଗୁରୁତ୍ୱ ଦେବା ସହ ପାଣି ପରି ଟଙ୍କା ଖର୍ଚ୍ଚ କରିବାରେ ଆଦୌ କୁଣ୍ଠାବୋଧ କରୁନାହାନ୍ତି । ଫେସନ୍ ଡିଜାଇନର୍‌ଙ୍କ ମତରେ ଶୀତରେ ଶାଢିର ଫେସନ୍ ସବୁଠୁ ଆକର୍ଷଣୀୟ ଲାଗିଥାଏ । ଶାଢ଼ି ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବା ସହ ଅନ୍ୟମାନେ ମଧ୍ୟ ଏହି ପରିଧାନର ପ୍ରଶଂସା କରିବାକୁ ଭୁଲିନଥାନ୍ତି ।

♦ ଶାଢ଼ିକୁ ଆପଣ ସ୍ୱେଟର୍ ସହ ପିନ୍ଧିପାରିବେ । ଧ୍ୟାନରେ ରଖି ବେ ଯେ ସ୍ୱେଟର୍‌ଟି ଯେପରି ଶାଢ଼ିର ରଙ୍ଗ ସହି ମ୍ୟାଚିଂ ହେଉଥିବ ।

♦ ଶୀତରେ ଶାଢିର ଲୁକ୍‌କୁ ଆକର୍ଷଣୀୟ କରିବା ନିମନ୍ତେ ଲେଦର ଜ୍ୟାକେଟ୍ ମଧ୍ୟ ପିନ୍ଧିପାରିବେ । ଯୁବତୀମାନେ ବରାଦ୍ ଦେଇ ବିଶେଷ ଭାବେ ଶାଢ଼ି ପାଇଁ ଲେଦର୍ ଜ୍ୟାକେଟ୍ ତିଆରି କରୁଛନ୍ତି ।

♦ ଅଧିକ ଥଣ୍ଡା ଅନୁଭୂତ ହେଉଥିବା ସ୍ଥାନରେ ବିବାହ ଅନୁଷ୍ଠିତ ହେଉଥିଲେ, ଆପଣ ଲଙ୍ଗ୍ ଜ୍ୟାକେଟ୍ ମଧ୍ୟ ପିନ୍ଧି ଷ୍ଟାଇଲ୍ କରିପାରିବେ।

♦ ଯଦି କାର୍ଯ୍ୟାୟଳରେ କୌଣସି ଏକ ପାର୍ଟିରେ ଯୋଗ ଦେବା ନିମନ୍ତେ ଶାଢି ପିନ୍ଧିଛନ୍ତି, ତେବେ ବ୍ଲେଜର୍ ସହ ଷ୍ଟାଇଲ୍ କରିପାରିଲେ ଖୁବ୍ ସୁନ୍ଦର ଦେଖାଯିବ ।

♦ ଶାଢି ସହ ଭେଲଭେଟ୍ ଜ୍ୟାକେଟ୍‌ର ରୂପ ସବୁଠୁ ଅଧିକ ସୁନ୍ଦର ଲାଗିଥାଏ । ବ୍ରାଉନ୍ କିମ୍ବା ପପଲ ରଙ୍ଗର ଜ୍ୟାକେଟ୍ ସହ ଶାଢ଼ି ପରିଧାନ ଖୁବ୍ ଆକର୍ଷଣୀୟ ଲାଗୁଥିବାର ଫେସନ୍ ଡିଜାଇନରଙ୍କ ମତ ।

ପିଅନ୍ତୁ ଲବଙ୍ଗ କ୍ଷୀର: ଦୂର ହୋଇଯିବ ଏହି ସବୁ ରୋଗ

ଶୀତ ଦିନେ ରାତିରେ ଅଧିକାଂଶ ଲୋକ କ୍ଷୀର ପିଇବା ପାଇଁ ପସନ୍ଦ କରନ୍ତି। ବିଶ୍ୱାସ ରହିଛି ଯେ, କ୍ଷୀର ପିଇଲେ କୁଆଡେ ଭଲ ନିଦ ହୁଏ। ଏଥିସହ ହଜମ ଶକ୍ତି ମଧ୍ୟ ଭଲ ରୁହେ। ତେବେ ଏହି କ୍ଷୀର ସହ ଲବଙ୍ଗ ମିଶାଇ ପିଇଲେ ଅଧିକ ଲାଭ ମିଳିଥାଏ। ଏହି ଦୁଇଟି ଜିନିଷକୁ ଏକାଠି ପିଇବା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇପାରେ। କ୍ଷୀର ଏବଂ ଲବଙ୍ଗ ଅନେକ ପୋଷକ ତତ୍ତ୍ୱରେ ଭରପୂର। କ୍ଷୀରରେ ଫସଫରସ୍, ମ୍ୟାଗ୍ନେସିୟମ୍, ଆୟୋଡିନ୍, ଭିଟାମିନ୍‌ଏ-, ଡି ଓ କେ ଭରପୂର ମାତ୍ରାରେ ଥିବାବେଳେ ଲବଙ୍ଗରେ କାର୍ବୋହାଇଡ୍ରେଟ୍, ଆଇରନ୍, ସୋଡିୟମ୍ ପ୍ରଚୁର ପରିମାଣରେ ରହିଛି।

ଶୋଇବା ପୂର୍ବରୁ ପ୍ରତିଦିନ ରାତିରେ କ୍ଷୀରରେ ଲବଙ୍ଗ ମିଶାଇ ପିଅନ୍ତୁ। ଯଦି ଆପଣ ଚାହାଁନ୍ତି, ଆପଣ ଏହାକୁ ଯେକୌଣସି ସମୟରେ ପିଇପାରିବେ, କିନ୍ତୁ ରାତିରେ ଏହାକୁ ପିଇବା ଅଧକ ଭଲ। ଏଥିପାଇଁ, ପ୍ରଥମେ ଲବଙ୍ଗକୁ ଭଲ ଭାବେ ଗୁଣ୍ଡ କରି ପାଉଡର ତିଆରି କରି ରଖିଦିଅନ୍ତୁ। ଏହା ପରେ କ୍ଷୀରକୁ ଭଲ ଭାବରେ ଗରମ କରନ୍ତୁ। ଏବେ ଏକ ଗ୍ଲାସ କ୍ଷୀରରେ ଲବଙ୍ଗ ପାଉଡର ମିଶାନ୍ତୁ। ତା'ପରେ ସେଥିରେ ଟିକେ ଗୁଡ ମିଶାଇ ପୁଅନ୍ତୁ।

♦ ଶୀତ ଦିନେ ପ୍ରାୟତଃ ଲୋକଙ୍କ ଗଳାରେ ଯନ୍ତ୍ରଣା, କଫ ଆଦି ସମସ୍ୟା ସୃଷ୍ଟି ହୁଏ। ଏଭଳି ସ୍ଥିତିରେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହ ଲବଙ୍ଗ ମିଶାଇ ପିଇବା ଲାଭଦାୟୀ ହୋଇଥାଏ। ଏଥିରୁ ଗଳା ଯନ୍ତ୍ରଣା ଏବଂ କଫ ଆଦି ସମସ୍ୟାରୁ ମୁକ୍ତି ମିଳିଥାଏ।

♦ଯଦି ଆପଣ ଦୁର୍ବଳ ଅନୁଭବ କରନ୍ତି ତେବେ କ୍ଷୀର ସହ ଲବଙ୍ଗ ମିଶାଇ ପିଇବା ନିହାତି ଆବଶ୍ୟକ। କ୍ଷୀରରେ କ୍ୟାଲସିଅମ୍, ସୋଡିଅମ୍, ପୋଟାସିଆମ ଭରପୂର ମାତ୍ରାରେ ରହିଛି। ଏହା ଶରୀରକୁ ଭରପୁର ଏନର୍ଜି ପ୍ରଦାନ କରିଥାଏ।

♦ କୋଷ୍ଠ କାଠିନ୍ୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଶୋଇବା ପୂର୍ବରୁ ଲବଙ୍ଗ କ୍ଷୀର ପିଇବା ଉଚିତ। ଏହାଦ୍ୱାରା ଏସିଡିଟି ଏବଂ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ। କେବଳ ସେତିକି ନୁହେଁ ଦାନ୍ତରେ ଯନ୍ତ୍ରଣା ସମସ୍ୟା ଥିଲେ ମଧ୍ୟ ଆପଣ ଏହି କ୍ଷୀରକୁ ପିଇ ପାରିବେ। ଏହା ଦାନ୍ତ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ପାରିବାରିକ ଅଶାନ୍ତି ବଢୁଛି

ନିକଟରେ ଦିଲ୍ଲୀର ଏକ ଏନାଜିଓର ସର୍ବେକ୍ଷଣ ଅନୁସାରେ, ପରିବାରର ଏବେ ସଦସ୍ୟଙ୍କ ମଧ୍ୟରେ ଅଶାନ୍ତି ବଢିବାରେ ଲାଗିଛି । କେତେକ କ୍ଷେତ୍ରରେ ସ୍ୱାମୀ - ସ୍ତ୍ରୀ ଆପୋସ ବୁଝାମଣାରେ ବିଚ୍ଛେଦ କରୁଥିବାବେଳେ ଅନ୍ୟ ପରିସ୍ଥିତିରେ ବିନା ବିଚ୍ଛେଦରେ ଅଲଗା ରହିବାକୁ ଉଚିତ ମଣୁଛନ୍ତି । କାଉନେସଲର୍ ରୀତା ସିଂଙ୍କ ମତରେ ତାଙ୍କ ପାଖକୁ ଏଭଳି ସଂଖ୍ୟାଧିକ କେସ୍ ଆସୁଛି ।

■ପାରିବାରିକ ଅଶାନ୍ତିର ଦୁଇଟି ମୁଖ୍ୟ କାରଣ ହେଲା ପରକୀୟା ପ୍ରୀତି ଓ ଦ୍ୱିତୀୟଟି ହେଲା ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ଭୁଲ ବୁଝାମଣା । ରୀତା କହିଛନ୍ତି, ଜଣେ ସ୍ତ୍ରୀ ପାଇଁ ସବୁଠୁ ବଡ କଷ୍ଟ ହେଲା ସ୍ୱାମୀଙ୍କର ଧୋକା ପାଇବା । ଆଜିକାଲି ଏଭଳି ହଜାର ହଜାର ଘଟଣା ଦେଖିବାକୁ ମିଳୁଛି ମହିଳାମାନେ ମଧ୍ୟ ଏବେ ଆତ୍ମନିର୍ଭରଶୀଳ ହେବା କାରଣରୁ ବିବାହ ବିଚ୍ଛେଦ ପାଇଁ ଅନୁଶୋଚନା କରୁନାହାନ୍ତି । ବରଂ ଦେଖାଯାଇଛି ଯେ ସିଙ୍ଗଲ୍ ମଦର୍ ଭାବେ ପିଲାଙ୍କୁ ଲାଳନପାଳନ କରୁଥିବା ମହିଳାମାନେ ଅଧିକ ସଫଳ ।

■ପାରିବାରିକ ଅଶାନ୍ତିରେ ଅନ୍ୟ କେହି ସମାଧାନ କରିବା ପରିବର୍ତ୍ତେ ଦମ୍ପତି ପ୍ରଥମେ ନିଜ ମଧ୍ୟରେ ଆଲୋଚନା କରିନେବା ଉଚିତ । କାରଣ ଅନ୍ୟ କାହାର ପରାମର୍ଶ ଠାରୁ ନିଜ ସମ୍ମତିରେ ପରିସ୍ଥିତିକୁ ବରଂ ନିୟନ୍ତ୍ରୟ କରିହେବ ।

■ସବୁବେଳେ ବୁଝିବା ଦରକାର ଯେ ନିଜ ପରିବାର ଠାରୁ ମୂଲ୍ୟବାନ୍ ଅନ୍ୟ କିଛି ନୁହେଁ । ଏଣୁ ତୃତୀୟ ବ୍ୟକ୍ତିକୁ ନିଜ ସମ୍ପର୍କରେ ସ୍ଥାନ ଦେବା ଅର୍ଥ ଘରେ କଳହକୁ ନିମନ୍ତ୍ରଣ କରିବା ।

ଭାରତୀୟ ବଜାରର ପ୍ୟାକେଟ୍ ଫୁଡ୍

ଏଇ କିଛିଦିନ ତଳେ ହିଁ ରେଡି-ଟୁ-ଇଟ୍ ଫୁଡ୍ ସମ୍ପର୍କରେ ଗବେଷକଗଣ ବିସ୍ତୃତ ବିବରଣୀ ଦେଇଥିଲେ । ଭାରତରେ ମଧ୍ୟ ନାମୀ କମ୍ପାନୀଗୁଡିକ ରେଡି ଟୁ ଇଟ୍ ଉପମା, ସିମେଇ, ଇଡଲି ଇତ୍ୟାଦି ବିକ୍ରି କରୁଛନ୍ତି । ନିକଟରେ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ ଭାରତୀୟ ବଜାରରେ ବିକ୍ରି ହେଉଥିବା ଏସବୁ ଖାଦ୍ୟ ଖୁବ୍ ଅସ୍ୱାସ୍ଥ୍ୟକର ବୋଲି ପ୍ରମାଣିତ ହୋଇଛି । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକସମୂହ ଏହା ସ୍ୱଷ୍ଟ କରିଛନ୍ତି । ଏଣୁ ଗ୍ରାହକମାନେ ଏବେଠାରୁ ସଚେତନ ହୋଇଯାନ୍ତୁ । ଶୀଘ୍ର କରି ଖାଇବାର ଏଇ ପ୍ରଣାଳୀରେ ଆମେ ରୋଗାକ୍ରାନ୍ତ ହେଉଛେ ବୋଲି ଭଲଭାବେ ଜାଣିନିଅନ୍ତୁ । ଏସବୁ ପ୍ୟାକେଟ୍ ଫୁଡରେ ଅଧିକକ ପରିମାଣରେ ଫ୍ୟାଟ୍, ସୁଗାର ଥିବା ସହ ତାହା ଖାଇଲେ ସହଜରେ ହଜମ ହୋଇନଥାଏ । ଏଣ ବୟସ୍କ ପିଢି ଏଭଳି ଖାଦ୍ୟ ଖାଇବା ପୂର୍ବରୁ ଭଲଭାବେ ସଚେତନ ହେବା ଜରୁରୀ । ଭାରତୀୟ ବଜାରରେ ପ୍ୟାକେଟ୍ ଫୁଡ୍ ଏତେ ଉତ୍ତମମାନର ହୋଇନଥିବା କାରଣରୁ ସେସବୁ ଖାଇଲେ ହୃଦ୍‌ରୋଗ, ପେଟ ସମସ୍ୟା ହେବାର ଭୟ ସର୍ବାଧିକ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଭବିଷ୍ୟତ ନିର୍ବାଚନ ପାଇଁ ସଜବାଜ...

ଉତ୍ତର ପ୍ରଦେଶ, ପଞ୍ଜାବ, ଗୋଆ, ଉତ୍ତରାଖଣ୍ଡ ଓ ମଣିପୁରରେ ବିଧାନସଭା ନିର୍ବାଚନକୁ ଜାଣିବା ଶୁଣିବା ମହଲ ୨୦୨୪ ସାଧାରଣ ନିର୍ବାଚନର ସେମି-ଫାଇନାଲ୍ ବୋଲି ବର୍ଣ୍ଣନା କରୁଛନ୍ତି । କେତେକ ରାଜ୍ୟରେ ବିଧାନସଭା ଭୋଟ୍ ନିକଟରେ ଶେଷ ହୋଇଯାଇଛି ଏବଂ ଉତ୍ତର ପ୍ରଦେଶ ଭଳି ବଡ଼ ରାଜ୍ୟରେ ବିଭିନ୍ନ ଦଫାରେ ସମ୍ପନ୍ନ ହେଉଛି । ଗତ ସରକାରରେ କେବଳ ପଞ୍ଜାବକୁ ଛାଡ଼ିଦେଲେ ଅନ୍ୟ ସବୁ ରାଜ୍ୟରେ ବିଜେପି ଶାସନ ଥିଲା । ଏଥର କେଉଁ ରାଜ୍ୟରେ କାହାର ସରକାର ଆସିବ ତାହା ନେଇ କସରତ୍ ଚାଲୁ ରହିଛି । କରୋନା କଟକଣା ନେଇ ନିର୍ବାଚନ କମିସନ୍ ଯେଉଁ କଟକଣା ଲଗାଇଛନ୍ତି, ତାହାକୁ ବ୍ୟକ୍ତି ହିସାବରେ କିଏ କିମ୍ବା ଦଳ ହିସାବରେ କିଏ କେମିତି ମାନୁଛନ୍ତି କହିବା ଦରକାର ନାହିଁ । ଭିଡ଼ ବା ସମାବେଶ ଯଦି କରୋନା ପ୍ରତିରୋଧୀ କଟକଣା ବୋଲି ଧରିନିଆଯାଏ ବୁଝିବାକୁ ଅସୁବିଧା ହେବନି କେହି ତାକୁ ମାନୁନାହାନ୍ତି । କି' ଶାସକ କି' ବିପକ୍ଷଦଳ ସମସ୍ତେ ଭୋଟ୍ ଗୋଟାଇବାରେ ଏମିତି ମଜ୍ଜି ଯାଇଛନ୍ତି ଯେ ଭୂତାଣୁ ସଂକ୍ରମଣ ଯେମିତି ମନକୁ ମନ ଉଡ଼ିଯିବ । ଇତିପୂର୍ବରୁ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଅନ୍ୟ ସ୍ଥାନଗୁଡ଼ିକରେ ବଡ଼ ବଡ଼ ସଭା କରି ନେତାମାନେ ଭୋଟରମାନଙ୍କୁ ସମ୍ବୋଧନ କଲେ, ତାହାର ପରିଣତି କିଭଳି ହେଲା, ତାହା ସମସ୍ତେ ଦେଖିଲେ । ଏଥର ପ୍ରାୟ ସେହି କଥା । ବାଜା ବାଜିଲେ ନାଡୁଆଙ୍କ ଗୋଡ଼ ଥୟ ଧରେନି । ଛୋଟଠାରୁ ବଡ଼ ଯାଏଁ ସଭା-ଶୋଭାଯାତ୍ରା କରନ୍ତି । ଦୁଆର ବୁଲାରେ ପ୍ରଚାରକୁ ସୀମିତ ରଖିଥିବା ନିର୍ବାଚନ ଆୟୋଗ ମଝିମଝିରେ କଟକଣା ସଂଶୋଧନ କରୁଛନ୍ତି, ତାହା ଭିତରେ ବିଭିନ୍ନ ଭାବରେ ଯେ ଉଲ୍ଲଙ୍ଘନ ନ ହେଉଛି ସେକଥା କହିହେବନି । ଗତ ନିର୍ବାଚନରେ ଅସମ୍ଭାଳ ଭିଡ଼ର ପରିଣତିରେ ଆମକୁ ଫେରିବାକୁ ହୋଇଥିଲା କରୋନା ବଳୟକୁ । ସ୍ଥିତିରେ କିଛିଟା ଉନ୍ନତି ହୋଇଥିବାରୁ ଆଶା କରିହେବ ଯେ ତାହାର ଅନ୍ତତଃପକ୍ଷ ପୁନରାବୃତ୍ତି ନହେଉ । ଏହା ଭିତରେ ଉତ୍ତର ପ୍ରଦେଶରେ ଦୁଇ ଦଫା ମତଦାନ ହୋଇସାରିଲାଣି । ଉତ୍ତର ପ୍ରଦେଶ ଦେଶର ସବୁଠାରୁ ବଡ଼ ରାଜ୍ୟ । ଅଶୀଟି ଲୋକସଭା ଏବଂ ୪୦୩ଟି ବିଧାନସଭା ଆସନ । ଏହି ପ୍ରଦେଶ ଜାତୀୟ ରାଜନୀତି ପାଇଁ ଢେର୍ ମହତ୍ତ୍ୱ ରଖିଥାଏ । ଯେଉଁ ଦଳ ଉତ୍ତର ପ୍ରଦେଶରେ ସର୍ବାଧିକ ଆସନ ପାଇବ, ତାହାର ଜାତୀୟ ରାଜନୀତି କ୍ଷେତ୍ରରେ ଦୃଢ଼ ସ୍ୱର ଶୁଣାଯିବ । ଏପରିକି ଛୋଟ ବ୍ୟତିକ୍ରମକୁ ଛାଡ଼ିଦେଲେ ଦିଲ୍ଲୀ ଆସନରେ ବସିବାର ଗୁରୁତ୍ୱ ଏହି ନେତାଙ୍କୁ ପ୍ରାପ୍ତ ହୋଇଛି । ସେଥିପାଇଁ ଶାସକ ଓ ବପକ୍ଷ ସମସ୍ତଙ୍କ ନଜର ଏହି ପ୍ରଦେଶର ଉପରେ ରହିଥିବା ସ୍ୱଭାବିକ । ବର୍ତ୍ତମାନ ସେହି ରାଜ୍ୟରେ ମହନ୍ତ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ଅଛି । ବିପକ୍ଷରେ ପୂର୍ବ ମୁଖ୍ୟମନ୍ତ୍ରୀ ଅଖିଲେଶ ଯାଦବ ଓ ଜୟଏ ଚୌଧୁରୀଙ୍କ ଆର୍‌ଏଲ୍‌ଡି ମେଣ୍ଟ ରହିଛି । ତାହାବାଦ୍ କଂଗ୍ରେସ ନିର୍ବାଚନ ମଇଦାନରେ ରହିଛି । ଏହି ପ୍ରମୁଖ ଦଳ ବା ମେଣ୍ଟ ଭିତରୁ ବିଜେପି ଓ ସମାଜବାଦୀ ପାର୍ଟିର ମୁହାଁମୁହିଁ ମୁକାବିଲା ହେଉଥିବାବେଳେ କଂଗ୍ରେସ ବିହନ ବଞ୍ଚାଇବା ସଂଘର୍ଷରେ ରହିଥିଲା ଭଳି ମନେହେଉଛି । ପଞ୍ଜାବରେ ଗତଦିନ ପର୍ଯ୍ୟନ୍ତ କଂଗ୍ରେସ ସରକାର ଥିଲା । ବିଜେପି ଏବଂ ଅକାଳୀ ଦଳ ସେମାନଙ୍କ ପ୍ରାର୍ଥୀ ଦେଇଥିବା ବେଳେ ଆମ୍ ଆଦ୍‌ମୀ ପାର୍ଟି ତାହାର ପ୍ରଦର୍ଶନ ପାଇଁ କମର ଭିଡ଼ିଛି । ଏହି ରାଜ୍ୟରୁ ଏକ ସମୟରେ 'ଆପ୍'ର ତିନି-ଚାରିଜଣ ସାଂସଦ ଥିଲେ ଏବଂ ଦଳର ସଂସଦୀୟ ପ୍ରତିନିଧିତ୍ୱ ରହିଛି । କଂଗ୍ରେସରୁ ଅମରୀନ୍ଦର ସିଂଙ୍କ ଚାଲିଯିବା ପରେ ଏବଂ ଅକାଳୀ ଦଳ ବିଜେପିଠାରୁ ଅଲଗା ହୋଇଯିବା ପରେ ଚିତ୍ର ପୂରା ଅଲଗା ହୋଇଯାଇଛି । ଏହି ପୃଷ୍ଠଭୂମିରେ ରାଜ୍ୟବାସୀ ନିର୍ମଳ ଭାବମୂର୍ତ୍ତି ଥିବା ନେତୃତ୍ୱ ଓ ଦଳକୁ ବାଛିବାକୁ ଚାହିବା କିଛି ଅସ୍ୱାଭାବିକ୍ ଲାଗିନପାରେ । ଗୋଆରେ ବିଜେପି କେଉଁ ପୃଷ୍ଠଭୂମିରେ କିଣାବିକା ଭିତରେ ସରକାର ଗଢ଼ିଥିଲା, ତାହା ସମସ୍ତେ ଭୁଲିଯାଇ ନଥିବେ । ପ୍ରମୋଦ ସାଓ୍ୱନ୍ତଙ୍କ ନେତୃତ୍ୱରେ ବିଜେପି ଲଢୁଛି, ତେଣେ 'ଆପ୍'ର ନେତୃତ୍ୱ ନେଇଛନ୍ତି ଅମିତ ପାଲେକର । ସୀମିତ ସଂଖ୍ୟକ ଆସନରେ ହେଉ ସୁଦ୍ଧା ସମ୍ପନ୍ନ ଭୋଟ୍‌ଦାନରେ ମତଦାତାଙ୍କ ରାୟ କାହା ସପକ୍ଷରେ ଯାଇଛି, ତାହା ମାର୍ଚ୍ଚ ଦଶରେ ଜଣାଯିବ । ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ ସେହି ଏକ ଫର୍ମୁଲାରେ ବିଜେପି ସରକାର ଗଢ଼ିଥିଲା । ତାହାକୁ ମତଦାତାମାନେ ଗ୍ରହଣ କି' ପ୍ରତ୍ୟାଖ୍ୟାନ କରିଛନ୍ତି, ତାହା ସେହି ମାର୍ଚ୍ଚ ଦଶରେ ଜଣାଯିବ । ଉତ୍ତରାଖଣ୍ଡରେ ଗତ ପାଞ୍ଚବର୍ଷରେ ମୁଖ୍ୟମନ୍ତ୍ରୀ ତିନିଥର ବଦଳା ଯାଇଛନ୍ତି । ଶେଷକୁ ଏବେ ଧାମିଙ୍କ ଉପରେ ବିଜେପି ଭରସା ରଖିଛି । ତାଙ୍କ ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାଓ୍ୱତ୍‌ଙ୍କ ନେତୃତ୍ୱରେ କଂଗ୍ରେସ ଲଢୁଛି । କାହାର ଜିତାପଟ ହେଉଛି, ଦେଖାଯିବ । ଯେହେତୁ କରୋନା କଟକଣା ଭିତରେ ପ୍ରଚାର ସୀମିତ ରହିଛି, ସଂପୃକ୍ତ ରାଜ୍ୟର ମତଦାତାମାନେ କେହି ପ୍ରାର୍ଥୀ ଅବା ଦଳଙ୍କ ସପକ୍ଷରେ ସେମାନଙ୍କର ଆସ୍ଥା ସ୍ଥାପନ କରୁଛନ୍ତି ତାହା ଏବେଠାରୁ ଆକଳନ କରିବା କାଠିକର ପାଠ । ଭାରତୀୟ ମତଦାତାଙ୍କ ନିଷ୍ପତ୍ତି ଅତୀତରେ ଅନେକ ପୂର୍ବାନୁମାନ ଓ ଆକଳନକୁ ଭୁଲ୍ ବୋଲି ପ୍ରମାଣିତ କରିଛି । ତେଣୁ ମାର୍ଚ୍ଚ ଦଶକୁ ହିଁ ସମସ୍ତଙ୍କର ପ୍ରତୀକ୍ଷା ।

ସାଧନାରେ ସିଦ୍ଧହସ୍ତ ସାଧକ ରାମକୃଷ୍ଣ ପରମହଂସ

ଅମୂଲ୍ୟ କୁମାର ପଣ୍ଡା

କଣ୍ଟା-ବୁଦାରୁ ପତ୍ର ଖାଇବାକୁ ଭଲପାଏ ଓଟ । ଯେତେ ଯେତେ ଅଧିକ ଖାଇବାକୁ ମନେକରେ ପାଟି ତା'ର ସେତିକି ଅଧିକ ଅଧିକ କ୍ଷତ-ବିକ୍ଷତ ହୁଏ । ରକ୍ତ ବୋହିଚାଲେ ପାଟିରୁ । ତଥାପି ଓଟ କଣ୍ଟା-ବୁଦାରୁ ଖାଇବା ଛାଡେନାହିଁ; ଛାଡିବ ବି ନାହିଁ । ମଣିଷ ଠିକ୍ ସେହିପରି । ପାର୍ଥିବ ଲାଳସା ଦୁଃଖ-କଷ୍ଟ ଦେଉଥିଲେ ହେଁ ତାହାକୁ ଏଡାଇ ପାରେନାହିଁ ମଣିଷ । କଷ୍ଟ ଭୋଗୁଥିବା ସମୟରେ ଭଗବାନଙ୍କୁ ଡାକି ପର ମୁହୂର୍ତ୍ତରେ ପୁଣି ଭୁଲିଯାଏ । ଭଗବାନ୍ ହେଉଛନ୍ତି ଉଭୟ ବିଦ୍ୟା ଏବଂ ଅବିଦ୍ୟାର ସମାହାର । ମାୟା ରୂପକ ବିଦ୍ୟା ମଣିଷକୁ ଭଗବାନଙ୍କ ନିକଟବର୍ତ୍ତୀ କରାଉଥିବା ବେଳେ ଅବିଦ୍ୟା ତାକୁ ଭଗବାନଙ୍କ ଠାରୁ ଦୂରେଇ ଦିଏ । ଜ୍ଞାନ, ସମର୍ପଣ ଭାବ, ଅନାସକ୍ତି ଏବଂ କରୁଣା ଆଦିକୁ ବିଦ୍ୟା କହିବା; ଏସବୁ ସାହାଯ୍ୟରେ ଭଗବାନଙ୍କ ନିକଟରେ ପହଞ୍ଚି ହୁଏ । ସବୁ ମଣିଷଙ୍କ ଭିତରେ ଭଗବାନ୍ ବିଦ୍ୟମାନ । କିନ୍ତୁ ଭଗବାନ୍ ଭିତରେ ସବୁ ମଣିଷ ନ ଥାନ୍ତି ଏଣୁ କଷ୍ଟ ଭୋଗନ୍ତି । ଏହିପରି ନୀତିବାଣୀ ଦେଉଥିଲେ ମହାନ ସନ୍ଥ ରାମକୃଷ୍ଣ ପରମହଂସ । ରାମକୃଷ୍ଣ ପରମହଂସ ୧୮୩୬ ମସିହା ଫେବୃଆରୀ ୧୮ ତାରିଖ ଦିନ ପଶ୍ଚିମବଙ୍ଗ ସ୍ଥିତ ହୁଗୁଳି ଜିଲ୍ଲାର କମାରପୁକୁର ଗ୍ରାମରେ ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେଦିନ ଥିଲା ୧୨୪୨ ସାଲର ୬ ଫେବୃଆରୀ , ବୁଧବାର , ଶୁକ୍ଳ ଦ୍ୱିତୀୟା ତିଥି । ତାଙ୍କ ପିତାଙ୍କ ନାମ ଥିଲା କ୍ଷୁଦିରାମ ଚଟ୍ଟୋପାଧ୍ୟାୟ ଏବଂ ମାତାଙ୍କ ନାମ ଥିଲା ଚନ୍ଦ୍ରମଣୀ ଦେବୀ । ପିତା କ୍ଷୁଦିରାମ ଅତି ନିଷ୍ଠାବାନ, ତେଜସ୍ୱୀ, ଦେବଦେବୀଙ୍କ ପ୍ରତି ଭକ୍ତି ପରାୟଣ, ସତ୍ୟବାଦୀ ଓ ସଦାଚାରୀ ବ୍ରାହ୍ମଣ ଥିଲେ । ତାଙ୍କର ବିଶ୍ୱାସ ଥିଲା ଜ୍ୱଳନ୍ତ । ମାତା ସରଳତା ଓ ଦୟାର ପ୍ରତିମୂର୍ତ୍ତି ଥିଲେ । ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବାଲାଗି କ୍ଷୁଦିରାମ ଗୟାତୀର୍ଥ ଯାଇଥିଲେ । ନାରାୟଣ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ କ୍ଷୁଦିରାମ, ତୁମ ଭକ୍ତିରେ ମୁଁ ସନ୍ତୁଷ୍ଟ ହୋଇଛି, ତୁମର ସେବା ଗ୍ରହଣ କରିବା ପାଇଁ ତୁମର ପୁତ୍ର ରୂପେ ମୁଁ ଜନ୍ମ ନେବି । କ୍ଷୁଦିରାମ କାନ୍ଦି ପକାଇ କହିଲେ, ମୁଁ ଯେ ବଡ଼ ଗରୀବ ! ଆପଣଙ୍କର ସେବା ମୁଁ କରି ପାରିବି ତ ପ୍ରଭୁ ? ସେହି ଜ୍ୟୋତିର୍ମୟ ପୁରୁଷ ସ୍ନେହ ବିଗଳିତ କଣ୍ଠରେ କହିଲେ, ଭୟକର ନାହିଁ ବ୍ରାହ୍ମଣ ! ତୁମେ ଯେଉଁ ଭାବରେ ମୋର ସେବା କରନା କାହିଁକି ସେଥିରେ ମୁଁ ତୃପ୍ତ ହେବି । ଏଣେ ତାଙ୍କ ଚନ୍ଦ୍ରମଣୀ ଦେବୀଙ୍କର ନାନା ପ୍ରକାର ଦିବ୍ୟ ଦର୍ଶନ ଓ ଅନୁଭୂତି ହେବାକୁ ଲାଗିଲା । ସେ ଅନୁଭବ କଲେ ଯେ ଏକ ପ୍ରକାଣ୍ଡ ଜ୍ୟୋତି ସତେ ଯେମିତି ତାଙ୍କ ଉଦରରେ ପ୍ରବେଶ କରିଛି, ଯଥା ସମୟରେ ଶ୍ରୀରାମକୃଷ୍ଣଙ୍କର ଜନ୍ମ ହେଲା । ସ୍ୱପ୍ନ କଥା ମନେ ପକାଇ କ୍ଷୁଦିରାମ ନବଜାତକର ନାମ ଗଦାଧର ଦେଲେ । ସ୍ନେହରେ ତାଙ୍କର ପିତାମାତା ତାଙ୍କୁ ଗଦାଇ ବୋଲି ଡାକୁଥିଲେ । ସାତବର୍ଷ ବୟସରେ ଗଦାଧରଙ୍କର ପିତା ମୃତ୍ୟୁ ବରଣ କରିଥିଲେ । ବାଲ୍ୟକାଳରୁ ସାଧୁସନ୍ଥମାନଙ୍କ ପ୍ରତି ତାଙ୍କ ମନରେ ଦୁର୍ବଳତା ଦେଖାଦେଇଥିଲା । ସେ ପୁରାଣରେ ପ୍ରହ୍ଲାଦ ଏବଂ ଧ୍ରୁବ ଆଦିଙ୍କ ଚରିତ୍ର ତାଙ୍କୁ ଆକୃଷ୍ଟ କରିଥିଲା । ୧୭ ବର୍ଷ ବୟସରେ ସେ ନିଜ ଗ୍ରାମ ଛାଡି ତାଙ୍କ ବାପାଙ୍କ ପୁତୁରା ରାଜକୁମାରଙ୍କ ସହିତ କଲିକତା ଚାଲିଆସିଥିଲେ । ସମୟକ୍ରମେ ସେ କଲିକତା ସ୍ଥିତ ଦକ୍ଷିଣେଶ୍ୱର ମନ୍ଦିରରେ ପୂଜକ ରୂପେ ନିୟୋଜିତ ହୋଇଥିଲେ । ମା' କାଳୀଙ୍କ ପୂଜାରେ ନିମଗ୍ନ ହୋଇ ସେ ଅଧିକାଂଶ ସମୟରେ ନିଜକୁ ହଜାଇ ଦେଉଥିଲେ । ମାତାଙ୍କ ଡାକରାରେ ରାମକୃଷ୍ଣ ନିଜ ଗ୍ରାମକୁ ଯାଇଥିଲେ । ସେଠାରେ ୧୮୫୯ ମସିହାରେ ଶାରଦାଦେବୀଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ସେ ପୁନର୍ବାର ଦକ୍ଷିଣେଶ୍ୱର ପ୍ରତ୍ୟାବର୍ତ୍ତନ କରି ସେଠାରେ ମା' କାଳୀଙ୍କର ପୂଜାରେ ନିଜକୁ ସମର୍ପିତ କରିଥିଲେ । ୧୮୮୦ ମସିହାରେ ନରେନ୍ଦ୍ରନାଥ ଦତ୍ତ ତାଙ୍କଠାରୁ ଈଶ୍ୱରଙ୍କ ସମ୍ପର୍କରେ ଜିଜ୍ଞାସା କରିବା ପାଇଁ ଆସିଥିଲେ । ସେ ହିଁ ତାଙ୍କର ପରମ ଶିଷ୍ୟ ରୂପେ ପରିଗଣିତ ହୋଇ ପରବର୍ତ୍ତୀ ସମୟରେ ବିବେକାନନ୍ଦ ରୂପେ ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।

ଶ୍ରୀରାମକୃଷ୍ଣ ପିଲାଦିନେ ଗଦାଇ ନାମରେ ପରିଚିତ ଥିଲେ । ସେ ଅତି ସୁନ୍ଦର ଗୀତ ଗାଇ ପାରୁଥିଲେ । ତାଙ୍କର ସୁମଧୁର କଣ୍ଠସ୍ୱର ସହିତ ପ୍ରବଳ ସ୍ମୃତିଶକ୍ତି ମଧ୍ୟ ରହିଥିଲା । ତେଣୁ ଥରଟିଏ ମାତ୍ର ଯାତ୍ରା ବା ପାଲା ଗୀତ ଶୁଣି ସେଥିରୁ ଅଧିକାଂଶ ଗୀତ ଗାଇପାରୁଥିଲେ ଏବଂ ସମଗ୍ର ଯାତ୍ରା ଅଭିନୟ କରି ସମସ୍ତଙ୍କୁ ଆନନ୍ଦ ଦେଉଥିଲେ । ଏହି ସଦାନନ୍ଦ ବାଳକକୁ ପଡ଼ିଶାର ଆବାଳବୃଦ୍ଧବନିତା ସମସ୍ତେ ଅତ୍ୟନ୍ତ ଭଲ ପାଉଥିଲେ । ଘର ନିକଟରେ ଲାହାବାବୁଙ୍କର ଅତିଥିଶାଳାରେ ବହୁ ସାଧୁସମାଗମ ହେଉଥିଲା । ଶ୍ରୀରାମକୃଷ୍ଣ ସେଠାରେ ସାଧୁମାନଙ୍କର ସେବା ଯତ୍ନ କରୁଥିଲେ, ସେମାନଙ୍କର ମୁହଁରୁ ବହୁ ଧର୍ମକଥା ତନ୍ମୟ



ହୋଇ ଶୁଣୁଥିଲେ । କଥକମାନଙ୍କର ପୁରାଣପାଠ ଶୁଣି ସେ ସବୁ କଣ୍ଠସ୍ଥ କରି ପକାଉଥିଲେ । ଏହିପରି ରାମାୟଣ, ମହାଭାରତ, ଶ୍ରୀମଦ୍‌ଭାଗବତର କଥାସବୁ ତାଙ୍କର ହୃଦୟଙ୍ଗମ ହୋଇଗଲା । ତାଙ୍କର ସୁଲଳିତ କଣ୍ଠରୁ ଏହିସବୁ ଧର୍ମଗ୍ରନ୍ଥ ପାଠ ଓ ବ୍ୟାଖ୍ୟା ଶୁଣି ଗ୍ରାମର ସ୍ତ୍ରୀ ପୁରୁଷ ସଭିଏଁ ମୁଗ୍ଧ ହୋଇ ଯାଉଥିଲେ । ବହୁ ବର୍ଷ ନିରନ୍ତର ସାଧନାଦ୍ୱାରା ହିନ୍ଦୁଧର୍ମର ସକଳ ପ୍ରକାର ଧର୍ମମତର ସାଧନାରେ ସିଦ୍ଧିଲାଭ କରି ସେ ପରମହଂସ ଶ୍ରୀରାମକୃଷ୍ଣ ହେଲେ । ଗୋଟିଏ ଗୋଟିଏ ମତରେ ସିଦ୍ଧିଲାଭ କରି ସେ କିଛି କାଳ ସେହି ଭାବରେ ତନ୍ମୟ ହୋଇ ରହୁଥିଲେ । ସେତେବେଳେ ସେହିସବୁ ମତର ସାଧକଗଣ ଭାରତର ନାନା ପ୍ରାନ୍ତରୁ ଆସି ଶ୍ରୀରାମକୃଷ୍ଣଙ୍କ ନିକଟରୁ ସାଧନୋପଦେଶ ଗ୍ରହଣ ନିମନ୍ତେ ଦକ୍ଷିଣେଶ୍ୱରରେ ସମବେତ ହେଉଥିଲେ । ଏହି ବାରବର୍ଷ କାଳ ସେ ନିମିଷକ ପାଇଁ ମଧ୍ୟ ଶୋଇ ନାହାନ୍ତି । ଏହି ଦୀର୍ଘ ସମୟରେ ତାଙ୍କର ଆହାରାଦିର ମଧ୍ୟ କୌଣସି ନିୟମ ନ ଥିଲା । ଦିନରାତି ଯେ କିଭଳି କଟି ଯାଉଥିଲା ସେ ଆଡ଼କୁ ତାଙ୍କର ଦୃଷ୍ଟି ନ ଥିଲା । ସେ ବହୁ ଦିବ୍ୟଶକ୍ତିର ଅଧିକାରୀ ହୋଇଥିଲେ, ଇଚ୍ଛାମାତ୍ରକେ ଯେ କୌଣସି ଲୋକର ମନରେ ଧର୍ମଭାବର ସଞ୍ଚାର କରିପାରୁଥିଲେ, ସ୍ୱର୍ଶମାତ୍ରକେ ଲୋକଙ୍କୁ ସମାଧିସ୍ଥ କରି ଦେଉଥିଲେ । ତାଙ୍କର ଆଶୀର୍ବାଦରୁ ଅନେକ ଲୋକ କଠିନ ରୋଗରୁ ଆରୋଗ୍ୟ ଲାଭ କରୁଥିଲେ; କିନ୍ତୁ ଏ ସବୁଥିରେ ତାଙ୍କର ବିନ୍ଦୁମାତ୍ର ଅହଂକାର ନ ଥିଲା ।

ଭଗବାନ ବୁଦ୍ଧଙ୍କ ସମ୍ବନ୍ଧରେ ଶ୍ରୀରାମକୃଷ୍ଣ କହିଥିଲେ- 'ସେ ଦଶାବତାରଙ୍କ ମଧ୍ୟରୁ ଜଣେ । ବ୍ରହ୍ମ ଅଟଳ ଅଚଳ ନିଷ୍କ୍ରିୟ ବୋଧସ୍ୱରୂପ । ବୁଦ୍ଧି ଯେତେବେଳେ ଏହି ବୋଧସ୍ୱରୂପରେ ଲୀନ ହୁଏ, ସେତେବେଳେ ବ୍ରହ୍ମଜ୍ଞାନର ଉଦୟ ହୁଏ, ସେତେବେଳେ ମଣିଷ ବୁଦ୍ଧ ହୋଇଯାଏ ।' ଜୈନଧର୍ମର ପ୍ରବର୍ତ୍ତକ ତୀର୍ଥଙ୍କରଗଣଙ୍କ ଉପରେ ଏବଂ ଶିଖ୍‌ଗୁରୁ ନାନକଙ୍କ ଉପରେ ମଧ୍ୟ ତାଙ୍କର ଗଭୀର ଶ୍ରଦ୍ଧା ଥିଲା ଏବଂ ଏହି ସବୁ ଧର୍ମକୁ ମଧ୍ୟ ଭଗବତ୍ ପ୍ରାପ୍ତିର ପଥ ବୋଲି ସେ ନିର୍ଦ୍ଦେଶ କରୁଥିଲେ । ତାଙ୍କ କୋଠରୀରେ ଅନ୍ୟାନ୍ୟ ଦେବଦେବୀଙ୍କର ଆଲେଖ୍ୟ ସହ ମହାବୀର ତୀର୍ଥଙ୍କରଙ୍କର ଗୋଟିଏ ପ୍ରସ୍ତରମୂର୍ତ୍ତି ମଧ୍ୟ ସ୍ଥାପିତ ହୋଇଥିଲା । ଶ୍ରୀରାମକୃଷ୍ଣ ବିବାହ କରିଥିଲେ; କିନ୍ତୁ ସେ ସଂସାରଧର୍ମ ସଂସାରୀଭାବରେ ପାଳନ କରି ନାହାନ୍ତି । ସ୍ତ୍ରୀଙ୍କ ସହିତ ତାଙ୍କର କୌଣସି ଦୈହିକ ସମ୍ପର୍କ ନ ଥିଲେ ମଧ୍ୟ ତାଙ୍କ ପ୍ରତି ସେ କେବେହେଲେ ବିନ୍ଦୁମାତ୍ର ଔଦାସୀନ୍ୟ ଦେଖାଇ ନାହାନ୍ତି । ସ୍ତ୍ରୀଙ୍କୁ ସେ ଖୁବ୍ ଭଲ ପାଉଥିଲେ, ନାନାଭାବରେ ସ୍ତ୍ରୀଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ବିଧାନରେ ସଦା ତତ୍ପର ରହୁଥିଲେ ଏବଂ ସ୍ତ୍ରୀଙ୍କୁ ଖୁବ୍ ସମ୍ମାନ ଦୃଷ୍ଟିରେ ଦେଖୁଥିଲେ ଓ ଦେବୀଜ୍ଞାନ କରୁଥିଲେ । ସେ କହୁଥିଲେ, 'ଏ ଯେ ସାରଦା, ସରସ୍ୱତୀ, ସେଥିପାଇଁ ତ ସାଜସଜ୍ଜାକୁ ଏତେ ଭଲପାଏ ।' ତେଣୁ ସ୍ତ୍ରୀଙ୍କ ପାଇଁ ସେ ଯତ୍ନ ସହକାରେ ସୁନାର ଗହଣା ଗଢ଼ାଇ ଦେଇଥିଲେ । ଦେହସ୍ପର୍ଶ-ନିରପେକ୍ଷ ଏ ଯେପରି କେବଳ ଦୁଇଟି ଆତ୍ମାର ଅମୃତ ମିଳନ ! ସ୍ତ୍ରୀଙ୍କୁ ସେ ଖୁବ୍ ଶ୍ରଦ୍ଧା କରୁଥିଲେ । ପରସ୍ପର ସ୍ୱାମୀ ସ୍ତ୍ରୀ ମଧ୍ୟରେ ସେମାନଙ୍କର ନିବିଡ଼ ପ୍ରୀତିବନ୍ଧନ ଥିଲା । ସାରଦାଦେବୀ ଏକଦା କହିଥିଲେ, 'ଆହା, ସେ ମୋ ସହିତ କିପରି ବ୍ୟବହାର କରିଛନ୍ତି! ଦିନେ ହେଲେ ମୋ ମନରେ ବ୍ୟଥା ଲାଗିଲା ଭଳି କିଛି କହିନାହାନ୍ତି । ଗୋଟିଏ ଫୁଲର ଆଘାତ ମଧ୍ୟ ମୋତେ ଦେଇନାହାନ୍ତି । ଯେଉଁଥିରେ ମୁଁ ଭଲରେ ରହିବି, କେବଳ ସେହି ବ୍ୟବସ୍ଥା ହିଁ କରିଛନ୍ତି।

ରାମକୃଷ୍ଣ ପରମହଂସ ଅନେକ ଗୁଡିଏ ନୀତିବାଣୀ ବା ଉପଦେଶ ଦେଇଥିଲେ ଏହି ସମାଜକୁ, ଏ ସମାଜ ଓ ଲୋକଙ୍କର ମଙ୍ଗଳ ପାଇଁ। ସେ କହୁଥିଲେ - ବାପା ମା, ଭାଇଭଉଣୀ, ସ୍ତ୍ରୀ, ପୁତୁରା ଝିଆରୀ - ଏହି ସବୁ ଆତ୍ମୀୟକୁ ଭଲପାଇବା ହିଁ ମାୟା, ଦୟା ଅର୍ଥ ସମସ୍ତଙ୍କୁ ଭଲ ପାଇବା। ତାଙ୍କର ପାଦପଦ୍ମରେ ଭକ୍ତି ହିଁ ସାର ଆଉ ସବୁ ମିଥ୍ୟା । ମୁଁ ଓ ମୋର –ସତ୍ୟକୁ ଆଚରଣ କରି ରଖିଛି–ଜାଣିବାକୁ ଦିଏ ନାହିଁ । ତାଙ୍କର ଅନନ୍ତ ରୂପ, ଅନନ୍ତ ଲୀଳା–ଈଶ୍ୱର ଲୀଳା, ଦେବ ଲୀଳା, ନର ଲୀଳା, ଜଗତ ଲୀଳା । ଯେଉଁ ବାଟରେ ଯାଅନା କାହିଁକି ମନ ସ୍ଥିର ନ ହେଲେ ଯୋଗ ହୁଏ ନାହିଁ । ମନ ଯୋଗୀର ବଶ । ଯୋଗୀ ମନର ବଶ ନୁହେଁ । ନିର୍ଜନ ନ ହେଲେ ଭଗବାନ ଚିନ୍ତା ହୁଏ ନାହିଁ । ନିର୍ଜନରେ ରହି ଭକ୍ତିଲାଭ କରି ସଂସାରରେ ରହିପାର । ଭକ୍ତ କିଏ ? ଯେ ତାଙ୍କଠାରେ ଥାଏ– ଯାହାର ମନ-ପ୍ରାଣ-ଅନ୍ତରାତ୍ମା ସବୁ ତାଙ୍କଠାରେ ଯୁକ୍ତ ହୋଇଛି । ତାଙ୍କୁ ବ୍ୟାକୁଳ ହୋଇ ପ୍ରାର୍ଥନା କରିବାକୁ ହୁଏ । ଆନ୍ତରିକ ହେଲେ ସେ ପ୍ରାର୍ଥନା ଶୁଣିବେ ହିଁ ଶୁଣିବେ । ବର୍ଷାରେ ପାଣି ଯେପରି ମାଟିରେ ଭେଦି ରହିଥାଏ, ସେହିପରି ଏହି ଜଗତରେ ଚୈତନ୍ୟ ଭେଦି ରହିଛି । ଯଦି ସତ୍ୟରେ ରହିବ, ତା' ହେଲେ ଭଗବାନ ଲାଭ ହେବ । ଧ୍ୟାନ କରିବ ମନରେ, କୋଣରେ ଓ ବନରେ । ବିଚାର କରୁକରୁ ମନ ଭିତରୁ ଅନିତ୍ୟ ବସ୍ତୁ ତ୍ୟାଗ କରିବ । ସବୁ କାମ କରିବ କିନ୍ତୁ ମନ ଈଶ୍ୱରଙ୍କ ନିକଟରେ ରଖିବ । ଖୁବ୍ ବ୍ୟାକୁଳ ହୋଇ କାନ୍ଦିଲେ ତାଙ୍କୁ ଦେଖି ପାରିବ । ବିଶ୍ୱାସ ଆସିଲେ ହେଲା । ବିଶ୍ୱାସ ଠାରୁ ଅଧିକ କିଛି ନାହିଁ । କାଳୀ କ'ଣ କଳା ! ଦ

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ ଶୁକ୍ରବାର, ୧୮ ଫେବୃଆରୀ ୨୦୨୨

ଅଡୁଆରେ ଆଲିଆ

ଅଡୁଆରେ ବଲିଉଡର ଡିମ୍ପଲ ଗାର୍ଲ ଆଲିଆ ଭଟ୍ଟ । ତାଙ୍କୁ ନେଇ ବଢ଼ିଲା ବିବାଦ । କାଠଗଡାରେ ଫଶିଲେ ଗଙ୍ଗୁବାଇ ଓରଫ ଆଲିଆ । କେବଳ ଆଲିଆ ନୁହନ୍ତି ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଂସାଲିଙ୍କୁ ନେଇ ମଧ୍ୟ ରୁଜୁ ହୋଇଛି ମାମଲା । ଅପ୍‌କମିଂ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'କୁ ନେଇ ଆରମ୍ଭ ହୋଇଛି ବିବାଦ । ଫିଲ୍ମର ଟ୍ରେଲର ରିଲିଜ ହେବା ପରଠାରୁ ଏହା ବିବାଦରେ ରହି ଆସିଛି । ଗାଙ୍ଗୁବାଇଙ୍କ ପରିବାର ସଦସ୍ୟ ଏହି ଫିଲ୍ମ ଉପରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହା ବିରୋଧରେ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ପରିବାର ସଦସ୍ୟ କହିଛନ୍ତି ଯେଏହ ଚଳଚ୍ଚିତ୍ରରେ ଗାଙ୍ଗୁବାଇଙ୍କ ପରିବାରକୁ ଅତ୍ୟନ୍ତ କଦର୍ଯ୍ୟ ଭାବେ ଚିତ୍ରଣ କରାଯାଇଛି । ଗାଙ୍ଗୁବାଇଙ୍କୁ ଜଣେ ସମାଜସେବୀ ବଦଳରେ ଦେହଜୀବୀ ଭାବେ ଦର୍ଶାଯାଇଛି ବୋଲି ଅଭିଯୋଗ ହୋଇଛି । ଗାଙ୍ଗୁବାଇଙ୍କ ପୋଷ୍ୟପୁତ୍ର ବାବୁ ରାଓଜୀ ଶାହା ଏହି ଚଳଚ୍ଚିତ୍ରର କାହାଣୀକୁ ଜୋରଦାର ବିରୋଧ କରିଛନ୍ତି । ସେ ମୁମ୍ବାଇର ଏକ କୋର୍ଟରେ ଫିଲ୍ମ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଂସାଲି ଏବଂ ଆଲିଆ ଭଟ୍ଟଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି । ବାବୁ ରାଓଜୀ କହିଛନ୍ତି ଯେ 'ମୋ ମା'ଙ୍କୁ ଜଣେ ଦେହଜୀବୀ ଭାବେ ଫିଲ୍ମରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶକ ଜଘନ୍ୟ ପ୍ରୟାସ କରିଛନ୍ତି ଏବଂ ଏହାକୁ ନେଇ ଆମ ପରିବାରର ସମସ୍ୟା ବଢ଼ିଯାଇଛି । ଏପରିକି ତାଙ୍କ ପରିବାର ସଦସ୍ୟଙ୍କୁ ମୁମ୍ବାଇରେ ବାରମ୍ବାର ଘର ବଦଳାଇବାକୁ ପଡୁଛି ଏବଂ ତୁହାକୁ ତୁହା ସଫେଇ ଦେବାକୁ ହେଉଛି ବୋଲି ସେ କହିଛନ୍ତି ।' ଯେତେବେଳେ ଗଙ୍ଗୁବାଇ ଉପରେ ବହି ଲେଖାଯାଇଥିଲେ, ସେତେବଳେ ମଧ୍ୟ ପରିବାର ଲୋକଙ୍କ ଠାରୁ ଅନୁମତି ନିଆଯାଇନଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି । ସୂଚନା ମୁତାବକ, ଗଙ୍ଗୁବାଇଙ୍କ ପରିବାରରେ ତାଙ୍କ ପୁଅ ବାବୁ ରାଓଜୀ ଶାହା ଏବଂ ତାଙ୍କ ନାତୁଣୀ ଭାରତୀ ଏଲହି ଫିଲ୍ମକୁ ନେଇ ତୀବ୍ର ବିରୋଧ କରିଛନ୍ତି । ଗତ ବର୍ଷ ବାବୁ ରାଓଜୀ ଏହାକୁ ନେଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଫିଲ୍ମ ବିରୋଧରେ ସେ ମାମଲା ରୁଜୁ କରିଥିଲେ । ଏହାପରେ ସଞ୍ଜୟ ଲୀଲା ଭଂସାଲି ଏବଂ ଆଲିଆ ଭଟ୍ଟଙ୍କୁ କୋର୍ଟ ତରଫରୁ ନୋଟିସ ପଠାଯାଇଥିଲା । କିନ୍ତୁ ପରେ ବମ୍ବେ ହାଇକୋର୍ଟ ଫିଲ୍ମର ରିଲିଜ ଉପରେ ରୋକ ଲଗାଇବା ପାଇଁ ମନା କରିଦେଇଥିଲେ । ସେହିପରି ଫିଲ୍ମର ନିର୍ମାତାଙ୍କ ବିରୋଧରେ ଅନ୍ତରୀଣ ଅପରାଧିକ ମାନହାନୀ ମାମଲା ଉପରେ ମଧ୍ୟ ରୋକ ଲଗାଇ ଦେଇଥିଲେ କୋର୍ଟ ।

ଗୁଡ ନ୍ୟଜ୍ ଦେଲେ ଲୋକପ୍ରିୟ ଟିଭି ସିରିଏଲ୍ 'ୟେ ରିସ୍ତା କ୍ୟା କେହଲାତା ହୈ' ଫେମ ଅଭିନେତ୍ରୀ ମୋହେନା କୁମାରୀ ସିଂହ । ଖୁବ ଶୀଘ୍ର ତାଙ୍କ ରାଜ ପରିବାରକୁ ଆସିବ କୁନି ଅତିଥି । ମା' ହେବେ ମୋହେନା । ଏନେଇ ସେ ନିଜେ ତାଙ୍କ ଇନଷ୍ଟାଗ୍ରାମରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି । ସେ ନିଜ ବେବି ବମ୍ପ ସହ ଫଟୋ ଶେଆର କରି ଲେଖିଛନ୍ତି, 'ଏକ ନୂଆ ପ୍ରାରମ୍ଭର ଆରମ୍ଭ । ସମସ୍ତଙ୍କ ସହ ଖୁସି ଖବର ଶେଆର କରୁଛି ।' ଏହି ଫଟୋରେ ସେ ତାଙ୍କ ସ୍ୱାମୀ ସୁୟଶଙ୍କ ସହ ନଜର ଆସିଛନ୍ତି । ଅନ୍ୟ କିଛି ଫଟୋରେ ମୋହେନା ନିଜ ପରିବାର ସଦସ୍ୟଙ୍କ ସହ ମଧ୍ୟ ନଜର ଆସିଛନ୍ତି । ଗତବର୍ଷ ମୋହେନା କୁମାରୀ ସିଂହ କରୋନାରେ ଆକ୍ରାନ୍ତ ହୋଇଥିଲେ । ସୋଶାଲ ମିଡିଆ ଜରିଆରେ ସେ ଏନେଇ ସୂଚନା ଦେଇଥିଲେ । ବିବାହ ପର ଠାରୁ ମୋହେନା ଅଭିନୟ ଜଗତ ଠାରୁ ଦୂରେଇ ରହିଛନ୍ତି । ସେ ନିଜର ଫ୍ୟାମିଲି ଲାଇଫ ଏନ୍‌ଜୟ କରୁଛନ୍ତି । ୨୦୧୯ରେ ବମ୍ବେ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ ମୋହେନା ଖୁଲାସା କରିଥିଲେ ଯେ, ସେ ବିବାହ ପରେ ଅଭିନୟ ଛାଡିବାକୁ ଚାହୁଁଛନ୍ତି । ବିବାହ ପରଠାରୁ ସେ ମୁମ୍ବାଇ ଏବଂ ଅଭିନୟକୁ ଅଲବିଦା କହିଛନ୍ତି । ତାଙ୍କର ଏହି ନିଷ୍ପତ୍ତି ଯୋଗୁଁ ଇଣ୍ଡଷ୍ଟ୍ରି ଏବଂ ତାଙ୍କ ଫ୍ୟାନ୍‌ମାନେ ଚକିତ ହୋଇ ଯାଇଥିଲେ । ସୂଚନା ମୁତାବକ, ମୋହେନା କୁମାରୀ ସିଂହ 'ୟେ ରିସ୍ତା କ୍ୟା କେହେଲାତା ହୈ' ସମେତ 'ପ୍ୟାର ତୁନେ କ୍ୟା କିଆ' ଏବଂ 'ଦିଲ ଦୋସ୍ତି ଡ୍ୟାନ୍ସ' ଭଳି ଶୋ'ରେ ମଧ୍ୟରେ ନଜର ଆସିସାରିଛନ୍ତି । ସେ ରିଆଲିଟି ଶୋ' ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ସିଜନ-୩ରେ ଭାଗ ନେଇଥିଲେ । କେବଳ ସେତିକି ନୁହେଁ ରିଆଲିଟି ଶୋ' 'ଝଲକ୍ ଦିଖଲା ଜା'ରେ ମଧ୍ୟ ଭାଗ ନେଇଥିଲେ ମୋହେନା ।

ମା' ହେବେ ଅଭିନେତ୍ରୀ ମୋହେନା

ନୂପୁରଙ୍କ ପ୍ରଥମ ଫିଲ୍ମ 'ନୁରାନୀ ଚେହେରା'ର ସୁଟିଂ ଆରମ୍ଭ

ବଡ଼ ଭଉଣୀ ତଥା ଅଭିନେତ୍ରୀ କୃତି ସାନନଙ୍କ ପଦାଙ୍କ ଅନୁସରଣ କରି ନୂପୁର ସାନନ ବଲିଉଡ୍ ଦୁନିଆରେ ପଦାର୍ପଣ କରିବାକୁ ଯାଉଛନ୍ତି । ସୋମବାର ସକାଳେ 'ନୁରାନୀ ଚେହେରା' ନାମକ ଚଳଚ୍ଚିତ୍ରର ପ୍ରଥମ ପୋଷ୍ଟର ମୁକ୍ତିଲାଭ କରିବା ପରେ ନୂପୁରଙ୍କ ଖୁସି କହିଲେ ନ ସରେ । ନୂପୁର ଏଥିରେ ମୁଖ୍ୟ ଅଭିନେତ୍ରୀ ଭୂମିକାରେ ଅଭିନୟ କରୁଛନ୍ତି । ଭାଲେଣ୍ଟାଇନ୍‌ସ ଡେ' ଭଳି ଦିନରେ ଏହାର ସୁଟିଂ ଆରମ୍ଭ ହୋଇଯାଇଛି । ବଲିଉଡ୍‌ର ଅନ୍ୟତମ ଦକ୍ଷତାସମ୍ପନ୍ନ ଅଭିନେତା ନୱାଜୁଦ୍ଦୀନ ସିଦ୍ଦୀକୀଙ୍କ ସହିତ ନୂପୁର ଏହି ଚଳଚ୍ଚିତ୍ରରେ ଦେଖାଦେବେ ।

ଏହି ସିନେମାର ଚଟପଟା ପ୍ରେମକାହାଣୀ ଜରିଆରେ ଏକ ଗୂଢ଼ ସାମାଜିକ ବାର୍ତ୍ତା ଦେବାକୁ ଚେଷ୍ଟା କରାଯାଇଛି । 'ନୁରାନୀ ଚେହେରା' ଜଣଙ୍କର ରୂପ ନେଇ ଆମ ସମାଜରେ ପ୍ରଚଳିତ ଭ୍ରମାତ୍ମକ ବିଶ୍ୱାସକୁ ପ୍ରତିଫଳିତ କରି ସଭିଙ୍କୁ ନିଜ ରୂପକୁ ଗ୍ରହଣ କରିବାର ସାହସ ଯୋଗାଇବ ବୋଲି ଏହାର ନିର୍ମାତା ଆଶା ପ୍ରକଟ କରିଛନ୍ତି । ନବନିଆତ ସିଂହ ଏହାର ନିର୍ଦ୍ଦେଶନା ଦେଉଛନ୍ତି । ନୂପୁର ନୱାଜୁଦ୍ଦୀନଙ୍କ ଭଳି ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତାଙ୍କ ସହିତ ପ୍ରଥମ ଚଳଚ୍ଚିତ୍ର କରୁଥିବାରୁ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି । ସେପଟେ ବଡ଼ ଭଉଣୀ କୃତି ନୂପୁରଙ୍କ ଅଭିନୟ ଅଭିଯାନ ଆରମ୍ଭ ନେଇ ଅଭିନନ୍ଦନ ଜଣାଇବା ସହିତ ତାଙ୍କୁ କେତେକ ଉପଦେଶ ମଧ୍ୟ ଦେଇଛନ୍ତି । ନୂପୁର ଶାସ୍ତ୍ରୀୟ ନୃତ୍ୟରେ ପାରଙ୍ଗମ । ସେ ଭଲ ଗୀତ ବି ଗାଇପାରନ୍ତି । ଅତୀତରେ ସେ 'ଫିଲ୍‌ହାଲ' ଓ 'ଫିଲ୍‌ହାଲ ୨' ଶୀର୍ଷକ ଦୁଇଟି ସଂଗୀତ ଭିଡିଓରେ ଅକ୍ଷୟ କୁମାର ବିପକ୍ଷରେ ଦେଖା ଦେଇ ବିପୁଳ ଲୋକପ୍ରିୟତା ହାସଲ କରିଥିଲେ ।

ଅନୁଭବ-ବାବୁସାନ୍ ଏକାଠି

ବେଶ୍ ଖୁସିର କଥା । ପରଦାରେ ତ କେବେ ଏକାଠି ଦେଖିବାକୁ ମିଳିନାହାଁନ୍ତି । ହେଲେ ଟେଲିଭିଜନ୍‌ରେ ଦୁଇ ତାରକା ଏକାଠି ହେଇଛନ୍ତି ଗୋଟିଏ ମଞ୍ଚରେ । ଏପାଖେ ଅନୁଭବ ସେପାଖେ ବାବୁସାନ୍ । ଅନୁଭବ ଉପସ୍ଥାପନ କରୁଥିବା ରିୟାଲିଟି ସୋ' 'ଦାଦାଗିରି'ରେ ପହଞ୍ଚିଛନ୍ତି ବାବୁସାନ୍ । ଏହି ସୋ'ରେ ଜଣେ ଅତିଥି ଭାବେ ଯୋଗ ଦେଇ ବାବୁସାନ୍ ଖୁବ୍ ମଜାମସ୍ତି କରିବେ ବୋଲି ଶୁଣାଯାଉଛି ।

ବାବୁସାନ୍‌ଙ୍କ ପୂର୍ବରୁ 'ଆଇ ଲଭ୍ ୟୁ'ର ନାୟିକା ନମ୍ରତା ଥାପ୍ପା, ପିଣ୍ଟୁ ନନ୍ଦ, ପ୍ରଯୋଜକ ଟୁଟୁ ନାୟକ, କଣ୍ଠଶିଳ୍ପୀ ଟି.ସୌରୀ, ଅଭିନେତ୍ରୀ ଲିପ୍‌ସା ମିଶ୍ର, ଜିନା ସାମଲ, ଜେସୀ ସାମଲ, ତୃପ୍ତି ମୀରାମ୍ବିକା ପ୍ରମୁଖ ଅଂଶଗ୍ରହଣ କରିଛନ୍ତି । ଏବେ ବାବୁସାନ୍ ଆସିଛନ୍ତି ମଉଜ ମସ୍ତି କରିବାକୁ । ଅନୁଭବ ଓ ବାବୁସାନ୍‌ଙ୍କ ମଧ୍ୟରେ ହେଇଥିବା ବନ୍ଧୁତା ଓ ଗଣ୍ଡଗୋଳ ଏହି ଏପିସୋଡ୍‌ରେ ଦେଖିବାକୁ ମିଳିବ । ଏହି ଅଧ୍ୟାୟଟି ଆଗାମୀ ୧୯ ତାରିଖ ଶନିବାର ରାତିରେ ପ୍ରସାରିତ ହେବ । ସୋ'ର ନିୟମ ଅନୁଯାୟୀ ବାବୁସାନ୍ ବି ଅନୁଭବଙ୍କ ସହ ଗେମ୍ ଖେଳିବେ । ଏଥିସହିତ ବାବୁସାନ୍ ନିଜର ଆଗାମୀ ସିନେମାର ପ୍ରଚାର ପ୍ରସାର କରିବେ ଓ ଦର୍ଶକଙ୍କୁ ତାଙ୍କ ନୂଆ ଅବତାର ବିଷୟରେ ସୂଚନା ଦେବେ ।

ହୋଲିରେ ମୁକ୍ତିଲାଭ କରିବ 'ବଚ୍ଚନ ପାଣ୍ଡେ'



ପରଦା ଉପରେ ଦେଖିବା ପୂର୍ବରୁ ପ୍ରଶଂସକମାନେ ସିନେମାର ନାୟକ ଓ ନାୟିକା ଅକ୍ଷୟ କୁମାର ଓ କୃତି ସାନନ୍‌ଙ୍କୁ ମାସକ ଆଗରୁ 'ବଚ୍ଚନ ପାଣ୍ଡେ'ର ଟ୍ରେଲର ମାଧ୍ୟମରେ ଦେଖିବାକୁ ପାଇଲେଣି । ଶୁଣାଯାଉଛି ଏଥିରେ ଆକ୍ସନ୍, କମେଡି, ରୋମାନ୍ସ ଓ ଡ୍ରାମା; ସବୁପ୍ରକାର ମନୋରଂଜନ ରହିଛି । ସବୁଠୁ ବଡ଼କଥା ହେଉଛି ଏହି ଚଳଚ୍ଚିତ୍ର ତାରିଖକୁ ଗୁରୁତ୍ୱ ଦେଉନାହିଁ ବରଂ ଏକ ବିଶେଷ ଉତ୍ସବ ଅବସରକୁ ଗୁରୁତ୍ୱ ଦେଉଛି । ଅର୍ଥାତ୍ 'ବଚ୍ଚନ ପାଣ୍ଡେ' ହୋଲି ପର୍ବ ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି । ଏଥିରେ ଅକ୍ଷୟ କୁମାର ଓ କୃତିଙ୍କ ବ୍ୟତୀତ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ଅସଶଦ ବାରସୀ, ସ୍ନେହାଲ୍ ଦାବୀ, ପଙ୍କଜ ତ୍ରିପାଠୀ, ପ୍ରତୀକ ବବ୍ବର, ଅଭିମନ୍ୟୁ ସିଂହ ଏବଂ ଶରଣ କୁମାର ଶୁକ୍ଳା ପ୍ରମୁଖଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ।

'ବଚ୍ଚନ ପାଣ୍ଡେ' ଫିଲ୍ମର ପ୍ରଯୋଜନା କରିଛନ୍ତି ସାଜିଦ ନଦିଆୱାଲା । 'ହିରୋପନ୍ତି', 'ଦିଲୱାଲେ', 'ରବତା', 'ବରେଲି କୀ ବର୍ଫି', 'ଲୁକା ଛୁପି', 'ହାଉସଫୁଲ୍-୪', 'ପାନିପତ', 'ମିମି', 'ହମ୍ ଦୋ ହମାରେ ଦୋ' ପରି ଚଳଚ୍ଚିତ୍ରରେ ନାୟିକା ସାଜି ଅଭିନେତ୍ରୀ କୃତି ସାନନ ପୂର୍ବରୁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା ବ୍ୟତୀତ 'ସ୍ତ୍ରୀ', 'କଲଙ୍କ' ଓ 'ପତି ପତ୍ନୀ ଔର୍ ୱ' ଫିଲ୍ମରେ ସେ ଅତିଥି କଳକାର ଭାବେ ଅଭିନୟ କରି ବେଶ୍ ପ୍ରଶଂସିତ ହେଇଛନ୍ତି । ଆଗକୁ ତାଙ୍କୁ 'ଆଦିପୁରୁଷ', 'ଶେହଜାଦା', 'ଭେଡିଆ' ଓ 'ଗଣପତ' ଆଦିରେ ଦେଖିବାକୁ ମିଳିବ । ଆଗାମୀ ମାର୍ଚ୍ଚ ମାସ ୧୮ ତାରିଖରେ 'ବଚ୍ଚନ ପାଣ୍ଡେ' ମୁକ୍ତିଲାଭ କରିବ ।



ଗୋଟିଏ ପୁଞ୍ଜିରେ ଶାନ୍ତିର ମଞ୍ଜି

କଳାକାରମାନଙ୍କର ଉଚ୍ଚାକାଂକ୍ଷାର ସୀମା ସବୁବେଳେ ନଭଶ୍ଚୁମ୍ବୀ ହୋଇଥାଏ । ନିଜର କଳା ପ୍ରଦର୍ଶନ ଭିତରେ ପ୍ରଶଂସା ସାଉଁଟି ସାଉଁଟି ଜୀବନରେ ଅକଳ୍ପନୀୟ ପାହାଚ ଚଢ଼ିବାର ଏକ ଗୋପନୀୟ ଆବେଗ ସେମାନଙ୍କୁ ଉତ୍‌ପ୍ରେରିତ କରିଥାଏ । କେହି କେହି ଥିଏଟରରେ କାମ କଲା ପରେ ଟିଭି ପରଦାରେ ନିଜକୁ ଆବିଷ୍କାର କରିବାକୁ ସ୍ୱପ୍ନ ଦେଖିଥା'ନ୍ତି ତ କେହି ମଧ୍ୟ ଟିଭିରେ ନାଁ ଅର୍ଜିଲା ପରେ ସିନେଜଗତ୍‌ରେ ନିଜକୁ ଉପସ୍ଥାପିତ କରିବାକୁ ଆଗେଇ ଆସିଥା'ନ୍ତି । ମାତ୍ର ଷ୍ଟାର ଟିଭିର ଦୀର୍ଘକାଳୀନ ଲୋକପ୍ରିୟ ଧାରାବାହିକ 'ସାଥ ନିଭାନା ସାଥୀୟା'ରେ 'ଗୋପୀ ମୋଦି' ଚରିତ୍ରକୁ ଆପଣେଇ ଘରେ ଘରେ ପରିଚିତ ହୋଇଥିବା ଅଭିନେତ୍ରୀ ଦେବୋଲୀନା ଭଟ୍ଟାଚାର୍ଜୀଙ୍କର ଆଉ କୌଣସି ଫିଲ୍ମରେ କାମ କରିବା ଆବଶ୍ୟକ ହୋଇନାହିଁ । ଏଥିରୁ ତାଙ୍କୁ ଏପରି ସଫଳତା ଓ ଆତ୍ମସନ୍ତୋଷ ମିଳିପାରିଛି ଯେ ସେ ଆଉ ବଡ଼ ପରଦାରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆଦୌ ମନ ବଳାଇନାହାନ୍ତି । ଆସାମର ଶିବସାଗର ଠାରେ ୧୯୮୫ ମସିହା ଅଗଷ୍ଟ ୨୨ରେ ଏକ ବଙ୍ଗାଳୀ ହିନ୍ଦୁ ପରିବାରରେ ଜନ୍ମିତ ଦେବୋଲୀନା ସେଠାରେ ମାଟ୍ରିକ୍ ଶିକ୍ଷା ସାରିଲା ପରେ ନୂଆଦିଲ୍ଲୀ ନିଫ୍‌ଟରୁ ଫେସନ ଟେକ୍ନୋଲୋଜିରେ ସ୍ନାତକ ଡିଗ୍ରି ହାସଲ କରିଛନ୍ତି । ଏଥି ସହିତ ସେ ମଧ୍ୟ ଜଣେ ପ୍ରଶିକ୍ଷିତା ଭାରତନାଟ୍ୟମ ନୃତ୍ୟଶିଳ୍ପୀ । ନୃତ୍ୟଗୀତ ଓ ଅଭିନୟ ପ୍ରତି ତାଙ୍କର ରୁଚି ରହିଥିଲେ ହେଁ ନିଜର ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଯୋଗୁଁ ସେ ମୁମ୍ବାଇରେ ପ୍ରଥମେ ଜଣେ ଅଳଙ୍କାର ରୂପକାର ଭାବେ ନିଜର ପେସାଗତ ଜୀବନ ଆରମ୍ଭ କରିଥିଲେ । ଏହି ଅବସରରେ ୨୦୧୦ରେ ସେ ବାସ୍ତବଧର୍ମୀ ଟିଭି ଧାରାବାହିକ 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ-୨'ରେ ଜଣେ ପ୍ରତିଯୋଗୀ ସାଜି ନିଜର ନୃତ୍ୟ ଚମକ ଦେଖାଇବାକୁ ଚାହିଥିଲେ । ଏହାପରେ ତାଙ୍କୁ ୨୦୧୧ରେ 'ସ୍ୱାରେ ସବକେ ସପନେ'ରେ କାମ କରିବାର ସୁଯୋଗ ମିଳିଥିଲା । ତେବେ ଏହି ଦୁଇଟି ଧାରାବାହିକରେ ସେ ଏପରି ଉତ୍ସାହିତ ହୋଇପଡ଼ିଥିଲେ ଯେ ନିଜର ଚାକିରି ଜୀବନ ଭୁଲି କଳାକାର ଜୀବନକୁ ଆଦରି ନେବାକୁ ପସନ୍ଦ କରିଥିଲେ । ସୌଭାଗ୍ୟକୁ ୨୦୧୨ରେ ତାଙ୍କୁ 'ସାଥ୍ ନିଭାନା ସାଥୀୟା'ର ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେବାର ମଉକା ଜୁଟିଥିଲା ଏବଂ ତାହା ହିଁ ତାଙ୍କୁ ଅପାର ସଫଳତା ଆଣିଦେଇଥିଲା । ଦୀର୍ଘ ୫ ବର୍ଷ କାଳ ସେ ଏଥିରେ ନିଜକୁ ବଶମ୍ବଦ ରଖି ଅଭିନୟକୁ ଅଧିକ ଶାଣିତ କରିବା ସହ ଅଭୂତପୂର୍ବ ଦର୍ଶକୀୟ ସ୍ୱୀକୃତି ହାସଲ କରିଥିଲେ । ସେଥିପାଇଁ ତାଙ୍କୁ ୨୦୧୩ରେ ଶ୍ରେଷ୍ଠ ଲୋକପ୍ରିୟ ଅଭିନେତ୍ରୀ ଭାବରେ ଆଇଟା ସମ୍ମାନ, ୨୦୧୫ରେ ପ୍ରମୁଖ ଭୂମିକାର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଭାରତୀୟ ଟେଲି ସମ୍ମାନ, ସବୁଠୁ ମନୋରଞ୍ଜନକାରୀ କଳାକାର ଭାବେ ବିଗ୍ ଷ୍ଟାର ଏଣ୍ଟରଟେନମେଣ୍ଟ୍ ସମ୍ମାନ, ଶ୍ରେଷ୍ଠ ନାୟିକା ଭାବେ ଗୋଲଡ ସମ୍ମାନ ଓ ୨୦୧୬ରେ ଭାରତୀୟ ଟେଲିଭିଜନ୍‌ର ଶ୍ରେଷ୍ଠ ବୋହୂ ଭାବେ ଗୋଲ୍ଡ ସମ୍ମାନ ଆଦି ମିଳିଥିଲା । ୨୦୧୭ରେ ଏହି ଧାରାବାହିକ ସରିବା ପରେ ସେ 'ବିଗ୍ ବସ୍-୧୩'ରେ ଭାଗ ନେଇଥିଲେ । ସେହିପରି ଏହି ବାସ୍ତବଧର୍ମୀ ଧାରାବାହିକର ପରବର୍ତ୍ତୀ ଚତୁର୍ଦ୍ଦଶ ଓ ପଞ୍ଚଦଶ ସଂସ୍କରଣରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା । ଏଥି ସହିତ ୱେବ୍ ଧାରାବାହିକ 'ସ୍ୱିଟ୍ ଲି' ଓ 'ଲଞ୍ଚ ଷ୍ଟୋରିଜ୍'ରେ ମଧ୍ୟ ଦର୍ଶକ ତାଙ୍କର ଅଭିନୟକୁ ଖୁବ୍ ପ୍ରଶଂସା କରିଥିଲେ । ସେହିପରି ସଂଗୀତ ଭିଡିଓ 'ହେ ଗୋପାଳକୃଷ୍ଣ...' ଓ 'ରାମଧେନୁ'ରେ ମଧ୍ୟ ସେ ବେଶ ଗ୍ରହଣୀୟ ହୋଇପାରିଥିଲେ । ମହାମାରୀ କୋଭିଡ୍-୧୯ର ଉପଦ୍ରବ ଭିତରେ ଟିଭିରେ ପ୍ରଦର୍ଶିତ ହୋଇଥିବା 'ସାଥ ନିଭାନା ସାଥୀୟା'ର ଉତ୍ତର ଅଧ୍ୟାୟର ପ୍ରଥମ ୩୧ଟି ଅନ୍ତର୍କଥାରେ ତାଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା । ପ୍ରକୃତରେ ସେହି ଗୋଟିକ ଧାରାବାହିକକୁ ପୁଞ୍ଜି କରି ସେ କଳାକାର ଜୀବନର ଶାଶ୍ୱତ ସୁଖ ଲଭିପାରିଥିବା ସ୍ୱୀକାର କରିଛନ୍ତି ।

ବିଜେପିର ନିର୍ବାଚନୀ ହିଂସା ବିରୋଧରେ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୧୭/୨ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପିର ନିର୍ବାଚନୀ ହିଂସାକୁ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେଡି । ବିଜେଡି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ ହାରିବା ଭୟରେ ରାଜ୍ୟର ଅନେକ ସ୍ଥାନରେ ବିଜେପିର ହିଂସ୍ର ଆଚରଣ ଓ ଉଚ୍ଚାରଣ ଦେଖିବାକୁ ମିଳିଛି । ସମ୍ବଲପୁରରେ ବିଧାୟକ ଜୟନାରାୟଣ ମିଶ୍ର ତହସିଲଦାରଙ୍କୁ ଆକ୍ରମଣ କରିବାଘଟଣା ପାଇଁ ତାଙ୍କୁ ପ୍ରଚାରରୁ ବାଦ୍ ଦେବାକୁ କମିଶନଙ୍କ ନିକଟରେ ଦାବି କରିଛି ବିଜେଡି । ସେହିଭଳି ଗଜପତି, ପିପିଲିରେ ହୋଇଥିବା ହିଂସାକାଣ୍ଡର ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବାକୁ ଦାବି ହୋଇଛି । ଏହା ବ୍ୟତୀତ ପୁରୀ, ଢେଙ୍କାନାଳ, ଅନୁଗୁଳ, ଡେଲାଙ୍ଗ, କଣାସରେ ମଧ୍ୟ ନିର୍ବାଚନ ସମୟରେ ହିଂସାକାଣ୍ଡ ଦେଖାଯାଇଛି । ବିଜେପି ହାରିବା ଭୟରେ ହିଂସାକାଣ୍ଡ ଘଟାଉଛି ବୋଲି ବିଜେଡି ଅଭିଯୋଗ କରିଛି ।

ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା ମଜବୁତ୍ ପାଇଁ ଡିଜିପିଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଚାଲିଥିବାବେଳେ ରାଜ୍ୟର କେତେକ ସ୍ଥାନରେ ବିଶୃଙ୍ଖଳାକାରୀଙ୍କ ଦ୍ୱାରା ଗଣ୍ଡଗୋଳ ହେଉଥିବା ଖବର ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଆସିଛି । ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପିଙ୍କୁ ନିର୍ଦ୍ଦେ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ।

ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବିଶେଷ କରି ପୁରୀ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ବିଶୃଙ୍ଖଳାକାରୀମାନେ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଛନ୍ତି। ପୁରୀ ଜିଲ୍ଲାର କଣାସ ବ୍ଲକ୍ ରେ ବିଶୃଙ୍ଖଳାକାରୀମାନେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଆକ୍ରମଣ କରିଥିବା ନିର୍ବାଚନ କମିଶନଙ୍କ ନଜରକୁ ଆସିଛି। ଫଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଓମିସିଓର କିଟ୍ କିଣି ଅର୍ଥ ବରବାଦ କଲେ ରାଜ୍ୟ ସରକାର

ଭୁବନେଶ୍ୱର ,୧୭/୨ (ନି.ପ୍ର): କରୋନାର ତୃତୀୟ ଲହର ଚାଲିଥିବା ସମୟରେ ରାଜ୍ୟ ସରକାର ଓମିକ୍ରନ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ଲାଗି ଓମିସିଓର କିଟ୍ କଣିଥିଲେ । ୫ଟି ମହାନଗର ନିଗମ ସହିତ ମେଡିକାଲ କଲେଜକୁ ଏହି କିଟ୍ ଦିଆଯାଇଛି । ମାତ୍ର ଏଥିରେ କେତେ ପରୀକ୍ଷା ହୋଇଛି ଓ ଏହାର ବିଶ୍ୱସନୀୟତା କେତେ ତାହା ଉପରୁ ସନ୍ଦେହ ହଟିନାହିଁ । ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ବିଭିନ୍ନ ରାଜ୍ୟରୁ ପଜିଟିଭ୍ ଚିହ୍ନଟ ନମୁନାକୁ ଜିନୋମ ସିକ୍ୱେନ୍ସିଂ କରିବାକୁ ଲ୍ୟାବ୍‌ମାନଙ୍କୁ ପଠାଇବାକୁ କହିବା ପରେ ଓମିସିଓର କିଟ୍‌କୁ ନେଇ ଏଭଳି ପ୍ରଶ୍ନ ଉଠିଛି । କେନ୍ଦ୍ର ସରକାର ଜିନୋମ ସିକ୍ୱେନ୍ସିଂ ଉପରେ ଭରସା କରୁଥିବା ବେଳେ ରାଜ୍ୟ ସରକାର ଓମିସିଓର କିଟ୍‌ରେ ପରୀକ୍ଷା କରିବା କେତେଦୂର ଯଥାର୍ଥ ତାହା ବିଶେଷଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାର କିଣିଥିବା ଓମିସିଓର କିଟ୍‌କୁ ନେଇ ଅନେକ ସ୍ଥାନରୁ ତ୍ରୁଟିର ସୂଚନା ମିଳିଛି । କେଉଁଠାରେ ଶତ ପ୍ରତିଶତ ଓମିକ୍ରନ୍ ପଜିଟିଭ୍ ଦେଖାଉଛି ତ ଆଉ କେଉଁଠି ଜମାରୁ ନାହିଁ । ପରୀକ୍ଷା କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଏହି କିଟ ପ୍ରସ୍ତୁତ କରିଥିବା କମ୍ପାନିର ଅଧିକାରୀମାନେ ମଧ୍ୟ ଏହାକୁ ନେଇ ସନ୍ଦେହରେ ରହିଛନ୍ତି । ଓମିସିଓର କିଟ୍‌ରେ ରାଜ୍ୟରେ କେତେ ପ୍ରତିଶତ ଓମିକ୍ରନ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି ତାହା ସଂପର୍କରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କୌଣସି ସୂଚନା ଦେଉ ନାହାନ୍ତି । କେବଳ ଆଇଏଲଏସ୍‌ରେ ଜିନୋମ ସିକ୍ୱେନ୍ସିଂରୁ ମିଳିଥିବା ତଥ୍ୟକୁ ଆଧାର କରି ତଥ୍ୟ ଦିଆଯାଉଛି । ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ କିଟ୍ ପାଇଁ ବରାଦ ଦେଇଥିବା ବେଳେ ବର୍ତମାନ ସୁଦ୍ଧା କେତେ କିଟ୍ ଆସିଛି ସେ ନେଇ ବି କେହି ମୁହଁ ଖୋଲୁନାହାନ୍ତି । ରାଜ୍ୟ ଔଷଧ ନିଗମ କେତେ ଟଙ୍କାରେ ଏହାକୁ କିଣିଛି ସେ ସଂପର୍କରେ ସରକାରଙ୍କ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ । ବାହାବା ନେବା ଲାଗି ରାଜ୍ୟ ସରକାର ଏହି କିଟ୍ କିଣି ଅର୍ଥ ବରାବାଦ କଲେ ବୋଲି ଏବେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି । ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଓମିସିଓର କିଟ୍‌ରେ ପଜିଟିଭ୍ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ତଥ୍ୟ ଅନୁଶୀଳନ ଚାଲିଛି । ମୋଟାମୋଟି ଭାବେ ଏ ପର୍ଯ୍ୟନ୍ତ ୬୫ ପ୍ରତିଶତ ପର୍ଯ୍ୟନ୍ତ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବୋଲି କୁହାଯାଇପାରିବ । ମାତ୍ର ସମସ୍ତ ତଥ୍ୟର ଅନୁଶୀଳନ ପରେ ସବୁକିଛି ସ୍ପଷ୍ଟ ହୋଇପାରିବ । ମାତ୍ର କେତେ କିଟ୍ ଏ ପର୍ଯ୍ୟନ୍ତ ଓଡ଼ିଶାକୁ ଆସିଛି ତାହା ସଂପର୍କରେ ଅଧିକାରୀ କୌଣସି ସୂଚନା ଦେଇ ନ ଥିଲେ । ଅପରପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଡ଼ିଶାକୁ ଚଳିତମାସରେ ଅଢ଼େଇ ହଜାର ନମୁନା ଜିନୋମ ସିକ୍ୱେନ୍ସିଂ ଲାଗି ଲ୍ୟାବ୍‌କୁ ପଠାଇବାକୁ କହିଛନ୍ତି । ଦେଶବ୍ୟାପୀ ୮୯,୮୪୦ ନମୁନା ଚଳିତ ମାସରେ ଜିନୋମ ସିକ୍ୱେନ୍ସିଂ କରାଯିବ । କିଛିଦିନ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ଜୀବ ବିଜ୍ଞାନ ପ୍ରତିଷ୍ଠାନରେ ହୋଇଥିବା ଜିନୋମ ସିକ୍ୱେନ୍ସିଂରେ ୯୮ ପ୍ରତିଶତ ପର୍ଯ୍ୟନ୍ତ ଓମିକ୍ରନ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା । ତେଣୁ ରାଜ୍ୟରେ ଏବେ ଘାତକ ଡେଲ୍‌ଟା ପ୍ରଜାତିର ପ୍ରକୋପ କମିଥିବା ଏଥିରୁ ସ୍ପଷ୍ଟ ହୋଇଥିଲା । ରାଜ୍ୟରେ ଗତ ୨୪ଘଣ୍ଟାରେ ୮୫୨ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିରେ ଖୋର୍ଧାରୁ ୧୧୩, କୋରାପୁଟ ୯୦, ସୁନ୍ଦରଗଡ଼ ୮୯, କଟକ ୬୪, ଯାଜପୁର ୪୦, ଗଜପତି ୩୩, ସମ୍ବଲପୁର ୩୯, କନ୍ଧମାଳ ୨୬, ବାଲେଶ୍ୱର ୨୫ ଓ ଷ୍ଟେଟ୍ ପୁଲରୁ ୨୫ଜଣଙ୍କୁ ଚିହ୍ନଟ କରାଯାଇଛି । ଏହି ସଂଖ୍ୟାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୭୯ହଜାର ୮୯୮କୁ ବୃଦ୍ଧି ପାଇଛି । ଆଉ ୧୯ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ଆଜି ସରକାରୀ ଘୋଷଣା କରାଯାଇଛି । ଫଳରେ ମୋଟ କୋଭିଡ ମୃତ୍ୟୁ ସଂଖ୍ୟା ୮୯୪୫କୁ ବୃଦ୍ଧି ପାଇଛି । ଆଜି ୧୬୩୯ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଫଳରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୨ଲକ୍ଷ ୬୩ହଜାର ୧୦୬କୁ ବୃଦ୍ଧି ପାଇଛି । ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୭୭୯୪କୁ ଖସି ଆସିଛି ।

ନିୟମ କୋହଳ ନେଇ ରାଜ୍ୟ ସରକାର ଭାବିଚିନ୍ତି ନିଷ୍ପତ୍ତି ନେବେ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭/୨ (ନି.ପ୍ର): ରାଜ୍ୟରେ କୋଭିଡ ସ୍ଥିତି ଓ କଟକଣା କୋହଳ ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପରେ ଏହାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ନିଜ ରାଜ୍ୟର ସ୍ଥାନୀୟ କୋଭିଡ ସ୍ଥିତିକୁ ଦୃଷ୍ଟିରେ ରଖି କିଛି ରାଜ୍ୟ ଅତିରିକ୍ତ କଟକଣା ଲଗାଇଛନ୍ତି । ନିୟମ କୋହଳ କରିବା ଲାଗି କେନ୍ଦ୍ର ସରକାରଙ୍କ ଯେଉଁ ଚିଠି ଆସିଛି, ତା ଉପରେ ରାଜ୍ୟ ସରକାର ଭାବିଚିନ୍ତି ନିଷ୍ପତ୍ତି ନେବେ । ଆମ ରାଜ୍ୟରେ ଅତିରିକ୍ତ କଟକଣା କିଛି ନାହିଁ । ଆମର ଗାଇଡଲାଇନ ଅନୁସାରେ କଟକଣା ହୋଇଛି । ସରକାରଙ୍କର ତା ଉପରେ ନଜର ରହିଛି । କୋଭିଡ ସ୍ଥିତିର ସମୀକ୍ଷା ମଧ୍ୟ କରାଯାଉଛି । ପୁନଶ୍ଚ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତିକୁ ଅପେକ୍ଷା କରିବା । ଯଦି ଆଜିର ଷ୍ଟାଟସ ଦେଖିବା, ୨ରୁ ୩ଟି ସ୍ଥାନରେ ଟିକେ ଅଧିକ ସଂକ୍ରମଣ ରହିଛି । ଏବେକାର ସ୍ଥିତିରେ ଆମେ ଭଲ ଆଡ଼କୁ ଯାଉଛେ । କିଛି ଦିନ ହେଲା ସଂକ୍ରମଣ ହଜାରେ ତଳେ ରହିଛି । ହସ୍ପିଟାଲିଟି ରେଟ ମଧ୍ୟ କମ ରହୁଛି । ଆଗକୁ ସ୍ଥିତି ଆହୁରି ସୁଧୁରିବ । ତୃତୀୟ ଲହର ସରିଲାଣି କି ବୋଲି

ପ୍ରଶ୍ନରେ କହିଛନ୍ତି, ଲହର କେବେ ସରେ ନାହିଁ । ମହାମାରୀ ହେଲେ, କିଛିଦିନ ବଢ଼େ, କିଛିଦିନ କମେ । ତାପରେ ଧୀରେ ଧୀରେ କମେ । ଆମେ ଏବେ ଧୀରେ ଧୀରେ କମିବା ଷ୍ଟେଜରେ ଅଛନ୍ତି । ରାଜ୍ୟରେ କୋଭିଡ ରୋଗୀଙ୍କ କ୍ଷେତ୍ରରେ ଅଧିକ ମୃତ୍ୟୁ ହେଉଛି । ଯାହା ଏବେ ମୋଟ ମୃତ୍ୟୁର ପ୍ରାୟ ୬୦ ଭାଗ ରହିଛି । ନିର୍ଦ୍ଦିଷ୍ଟ ସଂଖ୍ୟକ ଲୋକଙ୍କୁ ନେଇ ପଞ୍ଚାୟତ ନିର୍ବାଚନ ପ୍ରଚାର ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯଦି ତାହାକୁ ନ ମାନିବା, ତାହେଲେ ସଂକ୍ରମଣ ପୁଣି ବଢ଼ିପାରେ ।

କରୋନା ଆକ୍ରାନ୍ତରେ ଖୋର୍ଦ୍ଧାକୁ ଟପିଲା ସମ୍ବଲପୁର

ଗତ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ୮୮୬ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୭/୨ (ନି.ପ୍ର): ଅନେକ ଦିନ ପରେ କରୋନା ଆକ୍ରାନ୍ତ ମାମଲାରେ ଖୋର୍ଦ୍ଧା ଦ୍ୱିତୀୟ ସ୍ଥାନକୁ ଖସିଛି । ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୮୮୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୦ରୁ ୧୮ ବର୍ଷ ମଧ୍ୟରେ ୧୬୯ ଜଣ ଥିବାବେଳେ ସଙ୍ଗରୋଧରୁ ୫୧୬ ଜଣ ଓ ସ୍ଥାନୀୟ ସଂକ୍ରମଣରୁ ୩୭୦ ଜଣ ଚିହ୍ନଟ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁରରୁ ସର୍ବାଧିକ ୧୭୯ ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ୮୬, କୋରାପୁଟରୁ ୬୬, କଟକରୁ ୪୦ ଜଣ ପଜିଟିଭ ଚିହ୍ନଟ



ହୋଇଛନ୍ତି ।

ସୂଚନା ମୁତାବକ ଏହି ଆକ୍ରାନ୍ତ ସଂଖ୍ୟାକୁ ମିଶାଇ ମୋଟ ପଜିଟିଭଙ୍କ ସଂଖ୍ୟା ୧୨ ଲକ୍ଷ ୮୦ ହଜାର ୭୮୪ରେ ପହଞ୍ଚିଥିବାବେଳେ ୧୨ ଲକ୍ଷ ୬୩ ହଜାର ୧୦୬ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ରାଜ୍ୟରେ ୮୬୬୪ଟି ସକ୍ରିୟ ମାମଲା ଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୧୬ ଜଣଙ୍କର କରୋନା ଯୋଗୁଁ ମୃତ୍ୟୁ ହୋଇଛି ।

ଚିତ୍ରରେ ଲତାଙ୍କୁ ଶ୍ରଦ୍ଧାଳି ଦେଲେ ଚିତ୍ରଶିଳ୍ପୀ

ଭୁବନେଶ୍ୱର,୧୭/୨ (ନି.ପ୍ର): ସୁନାମଧନ୍ୟା କଣ୍ଠଶିଳ୍ପୀ ଭାରତରତ୍ନ ଲତା ମଙ୍ଗେସକରଙ୍କ ମୃତ୍ୟୁ ପରେ ସବୁ ଆଡ଼େ ସବୁ ଆଡ଼େ ଲତାଙ୍କୁ ନେଇ ଶୋକ । ସବୁଠି ଲତାଙ୍କୁ ଦିଆଯାଉଛି ଶ୍ରଦ୍ଧାଳି । ତେବେ ଲଳିତକଳା ଏକାଡ଼େମୀ ଆୱାର୍ଡ ପାଇଥିବା ମହିଳା ତେଜସ୍ୱିନୀ ସାମନ୍ତସିଂହାର ଚିତ୍ରରେ ଲତାଙ୍କୁ ଦେଇଛନ୍ତି ଶ୍ରଦ୍ଧାଳି । ପୁରୁଣା ଭୁବନେଶ୍ୱରରେ ପିଲାଟି ବେଳୁ ରହିବା ବେଳୁ ସେ ଚିତ୍ର ଶିକ୍ଷା ଗ୍ରହଣ କରିଥଲେ । ଏପରି ଅନେକ ଚିତ୍ର ତାଙ୍କର କଥା କୁହେ । ଶିଶୁ କନ୍ୟାଙ୍କୁ ସୁରକ୍ଷା, ଶିଶୁ ଶିକ୍ଷା, ମହିଳା ସ୍ୱାଧିନତା, ଏପରି ଚିତ୍ର ଆଙ୍କି ସେ ସଚେତନ କରି ବେଶ ପ୍ରଂଶସନୀୟ ହୋଇ ପାରିଛନ୍ତି । ଚିତ୍ର କରି ତେଜସ୍ୱିନୀ ଲତାଙ୍କୁ ଏମିତି ଶ୍ରଦ୍ଧାଳି ଜଣାଇଛନ୍ତି ।

ରକ୍ତହୀନତା ଦୂର ପାଇଁ ଆରମ୍ଭ ହେବ 'ଅମ୍ଲାନ୍'

ସ୍କୁଲ, ଅଙ୍ଗନବାଡିରେ କରାଯିବ ହିମୋଗ୍ଲୋବିନ୍ ପରୀକ୍ଷା

ଭୁବନେଶ୍ୱର ,୧୭/୨ (ନି.ପ୍ର): ରାଜ୍ୟରେ ରକ୍ତହୀନତା ଦୂର କରିବା ଲାଗି ରାଜ୍ୟ ସରକାର ମିସନ୍ ମୋଡରେ ନୂଆ କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛନ୍ତି । ନିକଟରେ ଆସିଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଫ୍‌ଏଚ୍‌ଏସ-୫ରେ ରାଜ୍ୟରେ ରକ୍ତହୀନତା ବୃଦ୍ଧି ପାଇଥିବା ନଜରକୁ ଆସିବା ପରେ ସରକାର ତତ୍ପର ହୋଇ ଉଠିଛନ୍ତି । ମହିଳା ଓ ଶିଶୁଙ୍କଠାରେ ରକ୍ତହୀନତା ଦୂର କରିବା ଲାଗି ସରକାର ଏକ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି । ଏହାର ପ୍ରଥମ ବୈଠକ ବସିବା ସହିତ କିଭଳି ଢଙ୍ଗରେ ଏହାକୁ କାର୍ଯ୍ୟକାରୀ କରାଯିବ ତାହା ସଂପର୍କରେ ଆଲୋଚନା ହୋଇଛି । ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମକୁ ପରିଚାଳନା ପାଇଁ ଏକ ଏସ୍‌ଓପି ପ୍ରସ୍ତୁତ କରାଯିବ । ଦେଶ ତଥା ରାଜ୍ୟରେ ୧୯୭୦ ମସିହାରେ ରକ୍ତହୀନତା କାର୍ଯ୍ୟକ୍ରମ ଚାଲୁଛି । ମାତ୍ର ଓଡ଼ିଶାରେ ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁଙ୍କୁ ଦିଆଯାଉଥିବା ବଟିକା ଖାଇବାର ପ୍ରତିଶତ ବୃଦ୍ଧି ପାଇଥିଲେ ହେଁ ରକ୍ତହୀନତା କମୁନାହିଁ । ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ରାଜ୍ୟରେ ୬-୫୯ ମାସର ୪୪.୬ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହୋଇଥିବା ବେଳେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଏହା ବୃଦ୍ଧି ପାଇ ୬୪.୨ ପ୍ରତିଶତରେ ପହଞ୍ଚିଛି । ସେହିପରି ୧୫-୪୯ବର୍ଷର ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ପୂର୍ବରୁ ୪୭.୬ ପ୍ରତିଶତ ଥିବା ବେଳେ ଏହା ୬୧.୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ୧୫-୪୯ବର୍ଷର ସମସ୍ତ ମହିଳାଠାରେ ପୂର୍ବରୁ ୫୧ ପ୍ରତିଶତଙ୍କଠାରେ ରକ୍ତହୀନତା ଥିବା ବେଳେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଏହା ୬୪ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ୧୫-୪୯ ପୁରୁଷଙ୍କ କ୍ଷେତ୍ରରେ ପୂର୍ବରୁ ୨୮ ପ୍ରତିଶତ ଥିବା ବେଳେ ଏହା ଏବେ ୨୮.୫ ପ୍ରତିଶତ ରହିଛି । ତେଣୁ ରକ୍ତହୀନତାକୁ ଦୂର କରିବା ଲାଗି ସରକାର ଆକ୍ସିଲେରେଟେଡ୍ ରିଡକସନ୍ ଅଫ୍ ଏନିମିଆ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି । ଏହି କାର୍ଯ୍ୟକ୍ରମର ନାମ 'ଅମ୍ଲାନ୍' ରଖିବା ଲାଗି ଆଲୋଚନା ହୋଇଛି । ଆଗକୁ ଏହି

କାର୍ଯ୍ୟକ୍ରମର ବିଧିବଦ୍ଧ ନାମ ଘୋଷଣା କରାଯିବ ।

କାର୍ଯ୍ୟକ୍ରମରେ ମୁଖ୍ୟତଃ ୬ଟି ବର୍ଗର ମହିଳା ଓ ଶିଶୁଙ୍କୁ ଟାର୍ଗେଟ କରାଯିବ । ୬-୫୯ ମାସର ଶିଶୁ, ୫-୯ବର୍ଷ, ୧୦-୧୯ବର୍ଷ, ଗର୍ଭବତୀ ମହିଳା, ସନ୍ତପାନ କରୁଥିବା ମହିଳା ଓ ୨୦-୪୯ବର୍ଷର ମହିଳାଙ୍କ ହିମୋଗ୍ଲୋବିନ୍ ପରୀକ୍ଷା କରିବା ଲାଗି ନିଷ୍ପତ୍ତି ହୋଇଛି । ସ୍କୁଲ, ଅଙ୍ଗନବାଡ଼ି ଓ ଟି-୩ କ୍ୟାମ୍ପସ୍‌ରେ ଏହି ପରୀକ୍ଷା କରାଯିବ । ଯାହାଫଳରେ ରାଜ୍ୟରେ ପ୍ରକୃତରେ କେତେ ପ୍ରତିଶତ ରକ୍ତହୀନତାର ଶିକାର ହୋଇଛନ୍ତି ତାହା ସ୍ପଷ୍ଟ ହୋଇପାରିବ । ପରବର୍ତ୍ତୀ ସମୟରେ ଏହି ତଥ୍ୟକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏବେ ରକ୍ତହୀନତା ଦୂର କରିବା ଲାଗି ଆଇରନ୍ ଓ ଫଲିକ ଏସିଡ୍ ଦିଆଯାଉଛି । ଏହାସହ ମାଇକ୍ରୋନ୍ୟୁଟ୍ରାଣ୍ଟ ପ୍ରଦାନ ସହିତ ପରଜୀବୀ ରୋଗ ନିୟନ୍ତ୍ରଣ, ପରିବାର ନିୟୋଜନ ଓ ନିରାପଦ ମାତୃତ୍ୱ ଉପରେ ଗୁରୁତ୍ୱ ଦିଆଯିବ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏନ୍‌ଏଫ୍‌ଏଚ୍‌ଏସ୍-୫ ସର୍ଭେ ଅନୁଯାୟୀ ରାଜ୍ୟରେ ରକ୍ତହୀନତା ଦୂର ପାଇଁ ଦିଆଯାଉଥିବା ବଟିକା ଖାଉଥିବା ଲୋକଙ୍କ ସଂଖ୍ୟା ବଢ଼ୁଛି । ମାତ୍ର ସେହି ଅନୁପାତରେ ରକ୍ତହୀନତା ବୃଦ୍ଧି ପାଇବା ସନ୍ଦେହ ସୃଷ୍ଟି କରିଛି । ତେଣୁ ଏହି ସନ୍ଦେହକୁ ଦୂର କରିବା ଲାଗି ହିମୋଗ୍ଲୋବିନ୍ ପରୀକ୍ଷା କରାଯିବ । ଏଥିପାଇଁ ଏକାଧିକ ବିଭାଗକୁ ନେଇ ଗଠିତ ଟାସ୍କ ଫୋର୍ସର ପ୍ରଥମ ବୈଠକ ବସିଥିଲା । ଆଲୋଚନା ବେଶ୍ ଫଳପ୍ରଦ ହୋଇଛି । ଆଗକୁ ଏଭଳି ବୈଠକ ବସିବା ସହିତ କାର୍ଯ୍ୟକ୍ରମ ପାଇଁ ଏସ୍‌ଓପି ପ୍ରସ୍ତୁତ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପଞ୍ଚାୟତିରାଜ, ଏସ୍‌ସି ଓ ଏସ୍‌ଟି ବିଭାଗ, ମହିଳା ଓ ଶିଶୁ ବିକାଶ, ମିସନ ଶକ୍ତି ବିଭାଗ ସାମିଲ ରହିଛି ।

ଲଢ଼େଇ ପୂର୍ବରୁ ଆରପାରିରେ ୨୩ ପ୍ରାର୍ଥୀ

ଭୁବନେଶ୍ୱର ,୧୭/୨ (ନି.ପ୍ର): ନିର୍ବାଚନ ଜିତିଲେ ଗାଁକୁ ଭଲ ରାସ୍ତା କରିବେ, ପୋଖରୀ ଖୋଳିବେ, ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଯୋଗାଇବେ, ଭତ୍ତା ପାଇପାରୁନଥିବା ହିତାଧିକାରୀଙ୍କୁ ଭତ୍ତା ଦେବା ବ୍ୟବସ୍ଥା କରିବେ । ଏହିଭଳି ସ୍ୱପ୍ନ ଦେଖି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ଜିତିବା ସମ୍

ପ୍ରଚାର ବେଳେ ଠେଲାପେଲା

ଖଇରା, ୧୭/୦୨ (ନି.ପ୍ର): କୁପାରୀ ଜୋନରେ ଭାଜପା କର୍ମୀଙ୍କର ଗୁରୁବାର ବାଇକ ରାଲି ର ଆୟୋଜନ କରାଯାଇଥିବା ବେଳେ କୁପାରୀ ପଞ୍ଚାୟତ ଚୁନନଟୀ ଗ୍ରାମରେ ଭାଜପା ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ ପଥପ୍ରାନ୍ତ ସଭାରେ ଯୋଗ ଦେଇ ୫ବର୍ଷରେ ବହୁ ଦୁର୍ନିତି ହୋଇଥିବା ଅଭିଯୋଗ ଆଣିଥିଲେ । ଏହି ସମୟରେ ବିଜେଡିର ଏକ ପ୍ରଚାର ଗାଡି ସଭା ନିକଟରେ ଛିଡା ହୋଇ ପ୍ରଚାରଗୀତକୁ ଉଚ୍ଚସ୍ୱରରେ ବଜାଇଥିଲା । ଯେଉଁଥିପାଇଁ ଭାଜପା ପ୍ରାର୍ଥୀଙ୍କ ଭାଷଣରେ ବାଧା ସୃଷ୍ଟି ହୋଇଥିଲା । ଏହାକୁ କେନ୍ଦ୍ର କରି ବିଜେଡି ଭାଜପା କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ପରେ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି କର୍ମୀ ଏଭୟ ଗୋଷ୍ଠୀଙ୍କୁ ଏଥିରୁ ନିବୃତ୍ତ କରିଥିଲା । ସେହିଭଳି ସନ୍ଧ୍ୟାରେ କୁପାରୀ ବସଷ୍ଟାଣ୍ଡ ନିକଟରେ ରାଜ୍ୟ ନେତାଙ୍କ ଉପସ୍ଥିତିରେ ଏକ ସଭା ଚାଲିଥିବା ବେଳେ ପୁଣି ବିଜେଡି ସମର୍ଥକ ମାନେ୨ଟି ପ୍ରଚାର ଗାଡି ନିକଟରେ ଛିଡା କରି ସଭା ଭଣ୍ଡୁର କରିବାକୁ ଉଦ୍ୟମ କରିଥିବା ଭଜପା କର୍ମୀ ମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ କୁପାରୀ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି ।

ହ୍ୟାକରଙ୍କ କବଜାରେ ସମାଜସେବୀ ଅମୂଲ୍ୟଙ୍କ ଫେସବୁକ ଏକାଉଣ୍ଟ

ନୀଳଗିରି, ୧୭/୦୨ (ନି.ପ୍ର): ଦିନକୁ ଦିନ ହ୍ୟାକରମାନେ ସୋସିଆଲ ମିଡିଆକୁ କବ୍‌ଜା କରି ରଖୁଥିବା ଅଭିଯୋଗ ହୋଇଛି । ଫେସବୁକ ମେସେଂଜର ଜରିଆରେ ବନ୍ଧୁବାନ୍ଧବଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । କିଛି ଦିନ ହେବ ବାଲେଶ୍ୱର ଜିଲ୍ଲା ନୀଳଗିରି ର ଯୁବ ସମାଜସେବୀ ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳମଣି ନିସ୍ୱାର୍ଥ ସେବା ସଂଗଠନର ପ୍ରତିଷ୍ଠାତା ଇଂ. ଅମୂଲ୍ୟ କୁମାର ଜେନା ଙ୍କ ଫେସବୁକ୍ ଏକାଂଉଟକୁ ହ୍ୟାକ କରି ଏକାଧିକ ଲୋକଙ୍କୁ ଟଙ୍କା ମଗାଯାଇଛି । ଏଥିପ୍ରତି ଲୋକ ସଚେତନ ହେବା ଜରୁରୀ ବୋଲି କହିଛନ୍ତି ଇଂ. ଅମୂଲ୍ୟ କୁମାର ଜେନା । ଏହା ସହ ପୋଲିସ ବିଭାଗର ସାଇବର ସେଲ ଦୃଷ୍ଟି ଦେବାକୁ ଦାବୀ କରିଛନ୍ତି ।

ରାଜବୀର ପାଇଁ ଅର୍ଥ ସଂଗ୍ରହ

ନୀଳଗିରି, ୧୭/୦୨ (ନି.ପ୍ର): ନୀଳଗିରି ଗୋପିନାଥପୁର ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ଫାଉଣ୍ଡେସନ ତରଫରୁ ରାଜବୀର ଙ୍କ ଚିକିତ୍ସା ପାଇଁ ଅର୍ଥ ସଂଗ୍ରହ କରାଯାଇଛି । ନୀଳଗିରି ମାର୍କେଟରେ ରାଜବୀର ପାଇଁ ଆବଶ୍ୟକ ପଡୁଥିବା ଅର୍ଥକୁ କିଛି ମାତ୍ରାରେ ସଂଗ୍ରହ କରିଛନ୍ତି । ସଂଗଠନର ପ୍ରତିଷ୍ଠାତା ବିଦ୍ୟାଧର ବାରିକଙ୍କ ଝିଅ ତ୍ରିସା ନିଜେ ବୁଲି ବୁଲି ଅର୍ଥ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି । ଜଣେ କୁନି ପିଲା ଆଉ ଜଣେ କୁନି ପିଲାର ସାହାଯ୍ୟ ପାଇଁ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବଳଭଦ୍ରପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଦୃଷ୍ଟାନ୍ତ ପାଲଟିଛି

ଉଦଳା,୧୭/୦୨ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବର୍ତ୍ତମାନ ସମଗ୍ର କସ୍ତିପଦା ଉପଖଣ୍ଡରେ ଦୃଷ୍ଟାନ୍ତ ପାଲଟିଛି । ଏଥିପାଇଁ ଉକ୍ତ ବିଦ୍ୟାଳୟର ପ୍ରଶଂସା ସବୁଠି ଶୁଣିବାକୁ ମିଳୁଛି । ଚଳିତ ୨୦୨୧-୨୨ ଶିକ୍ଷା ବର୍ଷରେ ପ୍ରକାଶିତ ପ୍ରାଥମିକ ମେଧାବୃତ୍ତି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଭୟ ତୃତୀୟ ଓ ପଞ୍ଚମ ଶ୍ରେଣୀରୁ ୨ ଜଣ ଲେଖାଏଁ ଛାତ୍ର ଛାତ୍ରୀ ଚୟନ ପାଇଁ ସ୍ଥିରିକୃତ ହୋଇଥିଲା । ତେବେ ଚଳିତ ଫେବୃଆରୀ ୧୫ ତାରିଖ ଦିନ ପରିକ୍ଷାଫଳ ବାହାରିବା ପରେ ଉକ୍ତ ବିଦ୍ୟାଳୟରୁ ଚୟନ ହୋଇଥିବା ମୋଟ ୩ ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଯାକ କୃତକାର୍ଯ୍ୟ ହୋଇ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଛାତ୍ର ଛାତ୍ରୀ ମାନେ ହେଲେ ପଞ୍ଚମ ଶ୍ରେଣୀର ସୁଶ୍ରୀ ନମିତା ଟୁଡୁ । ସେ ନୟାରଙ୍ଗାମାଟିଆ ଗ୍ରାମର ବାସିନ୍ଦା ଫୁଲମଣି ଓ ମନୋଜ କୁମାର ଟୁଡୁଙ୍କ ଏକମାତ୍ର କନ୍ୟା ଅଟନ୍ତି । ସେହିପରି ତୃତୀୟ ଶ୍ରେଣୀର ଛାତ୍ର ଶ୍ରୀମାନ ତ୍ରୀନାଥ ବେହେରା ଓ ଶ୍ରୀମାନ ସତ୍ୟମ ଗିରି ଅଟନ୍ତି । ତ୍ରୀନାଥ ନୂଆଗାଁ ଗ୍ରାମର ନିରବତୀ ଓ ବିଦ୍ୟାଧର ବେହେରାଙ୍କର ଏକ ମାତ୍ର ପୁତ୍ର ହୋଇଥିବା ବେଳେ ସତ୍ୟମ ବିଜାତଳା ପଞ୍ଚାୟତ ସମିତି ଅନ୍ତର୍ଗତ ରାଇହରି ଗ୍ରାମର ବାସିନ୍ଦା ସନ୍ଧ୍ୟାରାଣୀ ଓ ତପନ କୁମାର ଗିରିଙ୍କ କନିଷ୍ଠ ପୁତ୍ର ଅଟନ୍ତି । କ୍ରମାଗତ ଭାବରେ ବିଗତ ତିନି ବର୍ଷ ଧରି ଉକ୍ତ ବିଦ୍ୟାଳୟ ବିଭିନ୍ନ ପରୀକ୍ଷା ମାନଙ୍କରେ ସଫଳତା ହାସଲ କରିବା ଫଳରେ ଏବେ ସମସ୍ତଙ୍କ ନଜରକୁ ଆସିଛି । ତେବେ କ୍ରମାଗତ ଦୁଇ ବର୍ଷ ଧରି କରୋନା କାଳରେ ବିଦ୍ୟାଳୟରେ କାର୍ଯ୍ୟରତ ଗୁରୁଜୀ ଗୁରୁମା ମାନେ ସ୍ୱଳ୍ପ ବେତନରେ କରୋନା କଟକଣାକୁ ଅକ୍ଷରେ ଅକ୍ଷରେ ମାନି ଯେଉଁଭଳି ଶିକ୍ଷାଦାନ କାର୍ଯ୍ୟ ଦାନ ଜାରୀ ରଖିଥିଲେ, ସେଥିପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ବିଜୟ କୁମାର ମିଶ୍ର ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ମୋଟା ଅଙ୍କରେ ଦରମା ନେଉଥିବା ସରକାରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର କରୋନା କାଳରେ ଆଦୌ ଦେଖା ଦର୍ଶନ ନଥିଲା । ଫଳରେ ବହୁ ସରକାରୀ ବିଦ୍ୟାଳୟର ପିଲା ଗୁଣାତ୍ମକ ଶିକ୍ଷାତ ଦୁରର କଥା ପାଠପଢ଼ା ଛାଡ଼ି ଦେଇଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି ।

ପଞ୍ଚାୟତ ନିର୍ବାଚନ ବେଳେ ସାମ୍ବାଦିକଙ୍କୁ ଆକ୍ରମଣ

ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ନିନ୍ଦା

ବାଲେଶ୍ୱର,୧୭/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ କଣାସରେ ଯେଭଳି ଭାବେ ଦୁଇ ଜଣ ସାମ୍ବାଦିକଙ୍କୁ ଆକ୍ରମଣ କରାଗଲା ତାହା ସୁସ୍ଥ ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ଏକ ଚିନ୍ତାଜନକ ଘଟଣା । ଓଡ଼ିଶା ସାମ୍ବାଦିକ ୟୁନିଅନ ରାଜ୍ୟ ଶାଖା ସଭାପତି ପ୍ରସନ୍ନ କୁମାର ମହାନ୍ତି ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଡିଜି ପୋଲିସ, ଏବଂ ରାଜ୍ୟ ନିର୍ବାଚନ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଘଟଣାକୁ ମଧ୍ୟ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ସମସ୍ତ ସଦସ୍ୟ ନିନ୍ଦା କରିଛନ୍ତି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ର ପ୍ରଥମ ପର୍ଯ୍ୟାୟରେ ଏଭଳି ଘଟଣାକୁ ଯଦି ଦୃଢ ହସ୍ତରେ ଦମନ କରାଯାଇ ପ୍ରକୃତ ଦୋଷୀକୁ ଦଣ୍ଡ ଦିଆ ନ ଯିବ ତାହେଲେ ସରକାରଂକ ଆଇନ ଶୃଙ୍ଖଳା ପ୍ରତି ସେମାନଙ୍କ ଖୋଲା ଚ୍ୟାଲେଞ୍ଜ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି ।ସାମ୍ବାଦିକ ମାନେ ଖବର ସଂଗ୍ରହ ପାଇଁ ସେଠାକୁ ଯାଇ ଥିଲେ ନା ଗଣ୍ଡଗୋଳ କରିବାକୁ ଯାଇଥିଲେ ତାହା ଦୁର୍ବୃତ୍ତ ମାନେ ବୁଝିବା ଦରକାର । କାର୍ଯ୍ୟ କ୍ଷେତ୍ରରେ ସାମ୍ବାଦିକ ମାନଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସ୍ତରରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାରମ୍ବାର ଦାବୀ କରି ଆସୁଛି ।ସାମ୍ବାଦିକ ମାନଙ୍କ ସମୂହ ସ୍ୱାର୍ଥ ରକ୍ଷା କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରଯାଇଛି । ବିଶେଷ କରି ପଂଚାୟତ ନିର୍ବାଚନ ବେଳେ ସାମ୍ବାଦିକଙ୍କୁ ଅଧିକ ସୁରକ୍ଷା ଯୋଗାଇ ଦେବାକୁ ସରକାର ଦୃଷ୍ଟି ଦେବା ପାଇଁ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଦାବି କରାଯାଇଛି ।

ଜଡ଼ିଦା ପଂଚାୟତରେ ବିଜେଡିର ମାରାଥନ ପ୍ରଚାର

ନୀଳଗିରି, ୧୭/୦୨ (ନି.ପ୍ର): ନୀଳଗିରି ବ୍ଲକର ଜଡ଼ିଦା ପଂଚାୟତର ତ୍ରିସ୍ତରିୟ ପଂଚାୟତ ନିର୍ବାଚନ ଅବସରରେ ଉକ୍ତ ପଂଚାୟତର ବିଜେଡି ସମର୍ଥୀତ ପ୍ରାର୍ଥୀନୀ ବାସନ୍ତୀ ନାୟକ ଓ ସମିତି ସଭ୍ୟ ପ୍ରାର୍ଥୀ ଭରତ କବାଟ ଓ ୧୨ନଂ. ଜୋନର ଜିଲ୍ଲା ପରିଷଦ ପ୍ରର୍ଥୀନୀ ରଂଜିତା ସିଂ ପ୍ରମୁଖ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଉକ୍ତ ପଂଚାୟତରେ ଶତାଧିକ କର୍ମୀଙ୍କୁ ଧରି ମାରାଥନ ପ୍ରଚାର କରିଛନ୍ତି । ଉକ୍ତ ପଂଚାୟତରେ ଭରତ କବାଟ ଥରେ ସମିତିସଭ୍ୟ ଓ ଥରେ ସରପଂଚ ଭାବେ ଛିଡ଼ା ହୋଇ ଅଳ୍ପ ଭୋଟ ବ୍ୟବଧାନରେ ହାରିଥିଲେ ମଧ୍ୟ ଭୁଲିଯାଇ ନ ଥିଲେ ନିର୍ବାଚନ ମଇଦାନକୁ । ଚଳିତ ନିର୍ବାଚନରେ ଭରତ କବାଟ ଉକ୍ତ ପଂଚାୟତରୁ ସମିତିସଭ୍ୟ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ପଂଚାୟତବାସୀ ତାଙ୍କ ପ୍ରତି ସମ୍ବେଦନତା ଦେଖାଉଥିବାର ଜଣାପଡ଼ିଛି । ସରପଂଚ ପ୍ରାର୍ଥୀ ବାସନ୍ତୀ ନାୟକ ଜଣେ ସାଧାସିଧା ଗୃହିଣୀ ହୋଇଥିବାରୁ ତାଙ୍କ କଥାର ମଧୁରତା, ସ୍ନେହମୟୀ, ସରଳ ସ୍ୱଭାବର ଥିବାରୁ ପଂଚାୟତବାସୀ ତାଙ୍କ ଉପରେ ଆସ୍ଥାଭାଜନ କରୁଥିବା ଦେଖିବାକୁ ମିଳିଛି । ଗତଥର ଉକ୍ତ ଜୋନରୁ ଜିଲ୍ଲା ପରିଷଦ ସଭ୍ୟା ଭାବେ ରଂଜିତା ସିଂ ବିଜେପିରୁ ବିଜୟ ହୋଇଥିବା ବେଳେ ଦଳର ଅଦଳବଦଳ ଯୋଗୁଁ ଚଳିତ ନିର୍ବାଚନରେ ବିଜେଡି ଦଳରୁ ଲଢୁଛନ୍ତି ।

ପୋଡାଡିହା ଗ୍ରାମରେ ମୁନି ସମାଜର ବ୍ରହ୍ମଯଜ୍ଞ

ହାତିଆଡିହା,୧୭/୦୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରାଙ୍କ ବାସଭବନରେ ତାଙ୍କର ସାନ ନାତୁଣୀ,ମୁନି ଦୀପକ କୁମାର ବେହେରା-ମୁନିମତୀ ମଧୁସ୍ମିତା ବେହେରାଙ୍କ କନ୍ୟା ଆୟୁଷ୍ମତୀ ଦିବ୍‌ୟାଶୀ ଦିବ୍‌ୟଦର୍ଷନୀଙ୍କର ଶୁଭ ଚୂଡା କରଣ ସଂସ୍କାର କର୍ମ ଆଚାର୍ଯ୍ୟ ବ୍ରହ୍ମଜ୍ଞାନୀ ଯୋଗୀ ମନ୍ମଥ ଆଇଚଙ୍ଗ ପରିଚାଳନାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚାସୀନ ଥିଲେ,ମୁନି ସମାଜର ଜ୍ୟୋତି ,ଜିଲ୍ଲା ସମ୍ପାଦକ ଯୋଗୀ ଅନନ୍ତ ପ୍ରଧାନ,ବେଦବିତ୍ ଯୋଗୀ ଭୀକାରି ଚରଣ ମୁନି,ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି,ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଯୋଗଶିକ୍ଷୟତ୍ରୀ କନକଲତା ଆଇଚ, ମୁନିରାଜ ପ୍ରଫୁଲ୍ଲ ମୁନି ଇତ୍ୟାଦି ।ମୁନି ସଙ୍ଗୀତ ଗାନ କରିଥିଲେ ଜେଜେମା ଯୋଗଶିକ୍ଷୟତ୍ରୀ କଣ୍ଠଶୀଳ୍ପୀ ମଞ୍ଜୁଲତା ବେହେରା ।ଉପସ୍ଥିତ ଥିଲେ ,ମୁନିରାଜ୍ଞୀ ବିମଳା ଲେଙ୍କା,ସୁମତୀ ଦଳାଇ, ମୁନି ଅଶୋକ ବେହେରା,ମୁନିମତୀ ମିନତୀ ବେହେରା,ମାନସୀ ରାଣୀ ବେହେରା,ମଞ୍ଜୁଲତା ବେହେରା ଏବଂ ମୁନିକୁମରୀ ପ୍ରିୟାଶୀ ପ୍ରିୟଦର୍ଶିନୀ ବେହେରା ଇତ୍ୟାଦି । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା ବେଦ ପାଠ, ଶାନ୍ତିପାଠ କରାଯାଇ, ଅଭିମନ୍ତ୍ରୀତ ଜଳରେ, ଆର୍ଯ୍ୟସଂସ୍କୃତିର, ଦଶମ ସଂସ୍କାର ଚୂଡା କରଣ କର୍ଯ୍ୟ କରାଯାଇଥିଲା ।ତା ପରେ ସମୂହ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ତାପରେ ବ୍ରହ୍ମବିତ୍ ଯୋଗୀ ଅନନ୍ତ ମୁନିଙ୍କ ସଭାପତିତ୍ୱରେ ଜ୍ଞାନ ଯଜ୍ଞ ଆୟୋଜିତ ହୋଇଥିଲା ।

କୁପାରୀ ଓ ତୁଡିଗଡିଆ ଜୋନରେ ଭାଜପା ରାଜ୍ୟ ନେତାଙ୍କ ପ୍ରଚାର

ଖଇରା, ୧୭/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୫ନଂ ତୁଡିଗଡିଆ ଜୋନ୍ ଓ ୩ନଂ କୁପାରୀ ଜୋନରେ ଭାଜପା ବିଜେଡିକୁ କଡା ଚ୍ୟାଲେଞ୍ଜ ଦେଉଥିବା ବେଳେ ଭାଜପା ପାଇଁ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ପ୍ରସାଦ ମହାପାତ୍ର ଗୁରୁବାର ଧୁଆଁଧାର ପ୍ରଚାର କରିଛନ୍ତି । କୁପାରୀ ବସଷ୍ଟାଣ୍ଡ ନିକଟରେ ମଣ୍ଡଳ ସଭାପତି ପତିତପାବନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ସମ୍ପାଦକ ମହାପାତ୍ର ନିଜର ବକ୍ତବ୍ୟରେ ବିଜେଡିର ୨୨ବର୍ଷର କାର୍ଯ୍ୟକୁ ନେଇ କଟୁ ସମାଲୋଚନା କରିଥିଲେ । କେନ୍ଦ୍ର ରାଜ୍ୟକୁ ପର୍ଯ୍ୟାପ୍ତ ଅର୍ଥ ଦେଉଥିବା ବେଳେ ଏହାକୁ ସଠିକ ଢଙ୍ଗରେ ଖର୍ଚ୍ଚ କରାଯାଉନଥିବାରୁ ଆଜି ବି ବହୁ ଅଞ୍ଚଳରେ ସାଧାରଣ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି କହିଥିଲେ । ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ଯୋଗ ଦେଇ ବିଜେଡି ପରାଜୟ ଭୟରେ ହିଂସାର ପଥ ଅବଲମ୍ବନ କରି ବିଜୟୀ ହେବାକୁ ଉଦ୍ୟମ କରୁଛି । ଏଣୁ ଭୋଟରମାନେ ସେମାନଙ୍କ ଧମକରେ ଭୟଭୀତ ନହୋଇ ଭାଜପା ୩ନଂ ଜୋନର ଜିଲା ପରିଷଦ ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ , କୁପାରୀ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଜ୍ୟୋତ୍ସନାରାଣି ଦାସ, ସମିତି ସଭ୍ୟ ଅକ୍ଷୟ ଜେନାଙ୍କ ସମେତ ବର୍ତ୍ତନା, ହରିପୁର, ରଟିଣା, ବାଉଁଶଗଡିଆ, ହରିପୁର, ଗଡପୋଖରୀ, କଇଥଗଡିଆ, ନୟାଖଣ୍ଡି, ସାରକୋଣା, ବଡନୁଆଗାଁ ଇତ୍ୟାଦି ପଞ୍ଚାୟତରେ ପ୍ରତିଦ୍ୱନ୍ଦିତା କରୁଥିବା ଭାଜପା ସମର୍ଥୀତ ସରପଞ୍ଚ ସମିତିସଭ୍ୟ ପ୍ରାର୍ଥୀ ମାନଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ । ପ୍ରାର୍ଥୀ ଶ୍ରୀ ଦାସ ନିଜ ବକ୍ତବ୍ୟରେ ଏଥର କୁପାରୀବାସୀ ପରିବର୍ତ୍ତନ ଚାହୁଁଛନ୍ତି , କୁପାରୀ ଜୋନରେ ପଦ୍ମ ଫୁଟିବ ବୋଲି କହିଥିଲେ । ଦୁର୍ନିତିର ମୁଲୋତ୍ପାଟନ ତଥା ଶାସକଦଳ ପ୍ରାର୍ଥୀଙ୍କ ଅହଂକାର ଭାଙ୍ଗିବାକୁ କର୍ମିଙ୍କୁ କହିଥିଲେ ।

ଆଇନ୍‌ଜୀବୀ ହାଜି ସେଖ୍ ଅବୁ ସୁଫିୟାନ ୫୦ବର୍ଷ ଆଇନ୍ ସେବା ପାଇଁ ସମ୍ମାନିତ

ଭଦ୍ରକ, ୧୭/୦୨ (ନି.ପ୍ର): ଭଦ୍ରକ ଠାରେ ଆଇନ୍‌ଜୀବୀ ସଂଖ୍ୟାଲଘୁ ଫୋରମ୍, ଭଦ୍ରକ ଶାଖା ତରଫରୁ ହାଜି ସେଖ୍ ଅବୁ ସୁଫିୟାନ ସାହେବଙ୍କ ୫୦ବର୍ଷ ଆଇନ୍ ସେବା କ୍ଷେତ୍ରରେ ନିରବଚ୍ଛିନ୍ନ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଗଲା । ଉକ୍ତ ସମ୍ବର୍ଦ୍ଧିତ ସଭାରେ ବରିଷ୍ଠ ଆଇନ୍‌ଜୀବୀ ହାଜି ସେକ୍ ଅବଦୁଲ ଇସ୍ତାରଙ୍କ ସଭାପତିତ୍ୱ କରିଥିଲେ । ସଭା ଆରମ୍ଭରେ ହାଜି ସେକ୍ ଅବୁ ସୁଫିୟାନ ସାହେବଙ୍କୁ ପୁଷ୍ପ ମାଲ୍ୟରେ ସମ୍ବର୍ଦ୍ଧିତ କରାଯିବା ସହ ସଭା ଆରମ୍ଭ କରାଯାଇଥିଲା । ସଂଖ୍ୟାଲଘୁ ଫୋରମର ଉପଦେଷ୍ଟା ହାଜି ଜୁଲଫୁକାର ଓ ଜମିଲ ଅହମ୍ମଦ ସାହେବ ହାଜି ସୁଫିୟାନକୁ ଦୀର୍ଘ ୫୦ ବର୍ଷର ଆଇନ୍ ସେବା କ୍ଷେତ୍ରରେ ବିସ୍ତୃତ ଆଲୋଚନା କରିଥିଲେ । ଫୋରମର ଉପସଭାପତି ତାହେର ମହମ୍ମଦ ଦୀକ୍ଷାନ୍ତ ଭାଷଣ ଦେବା ସହ ଫୋରମର ଟ୍ରେଜେରର ନୁର ମୋଜାସମ୍ ମାନପତ୍ର ପାଠ କରିବା ପରେ ହାଜି ସୁଫିୟାନ ସାହେବଙ୍କୁ ସଂଖ୍ୟାଲଘୁ ଆଇନ୍‌ଜୀବୀ ଫୋରମ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ସଭାକୁ ସଫଳ କରିବାରେ ସମସ୍ତ ଆଇନ୍‌ଜୀବୀ ଯଥା ସହିଲ ରହେମାନ, ମୁକ୍ତାର ଖାଁ, ସୋହାନା ପରଭିନ୍, ଅକତରି ବେଗମ୍ ସମେତ ଯୁବ ଆଇନ୍‌ଜୀବୀ ସକିଲୁର ରହେମାନ, ଅବଦୁଲ ରହେମାନ, ରିୟାଜୁନ ନବିମାନେ ଉପସ୍ଥିତ ରହି ମୂଲ୍ୟବାନ ମତଦାନ ମତଦାନ କରିଥିଲେ । ସଭା ଶେଷରେ ଫୋରମର ସହ ସଂପାଦକ ଆଇନ୍‌ଜୀବୀ ମୋଜାହିଦ୍ ଅଖତର ଖାଁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ପୌର ନିର୍ବାଚନ ପାଇଁ ପ୍ରକାଶ....

ସେହିପରି ଦେବଗଡ଼ ଜିଲ୍ଲାର ଦେବଗଡ଼ ମୁନିସିପାଲିଟିର ୧୧ଟି ୱାର୍ଡ ଓ ୨୧ଟି ବୁଥ୍ ରହିଛି । ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ମୁନିସିପାଲିଟିର ୨୩ଟି ୱାର୍ଡ ଓ ୫୨ଟି ବୁଥ୍, ଭୂବନ ଏନ୍.ଏ.ସିର ୧୫ଟି ୱାର୍ଡ ଓ ୧୮ଟି ବୁଥ୍, କାମାକ୍ଷାନଗର ଏନ୍.ଏ.ସିର ୧୫ଟି ୱାର୍ଡ ଓ ୧୬ଟି ବୁଥ୍ ରହିଛି । ସେହିପରି ଗଜପତି ଜିଲ୍ଲାର କାଶିନଗର ଏନ୍.ଏ.ସିର ୧୩ଟି ୱାର୍ଡ ଓ ୧୩ଟି ବୁଥ୍, ପାରଳାଖେମୁଣ୍ଡି ମୁନିସିପାଲିଟିର ୧୬ଟି ୱାର୍ଡ, ୩୮ଟି ବୁଥ୍ ରହିଛି । ଗଞ୍ଜାମ ଜିଲ୍ଲାର ଆସ୍କା ଏନ୍.ଏ.ସିର ୧୮ଟି ୱାର୍ଡ, ୨୧ଟି ବୁଥ୍, ବେଲଗୁଣ୍ଡା ଏନ୍.ଏ.ସିର ୧୩ଟି ୱାର୍ଡ, ୧୪ଟି ବୁଥ୍, ଭଞ୍ଜନଗର ଏନ୍.ଏ.ସିର ୧୫ଟି ୱାର୍ଡ, ୨୧ଟି ବୁଥ୍, ବୁଗୁଡ଼ା ଏନ୍.ଏ.ସିର ୧୩ଟି ୱାର୍ଡ, ୧୭ଟି ବୁଥ୍, ଛତ୍ରପୁର ଏନ୍.ଏ.ସିର ୧୪ଟି ୱାର୍ଡ, ୨୨ଟି ବୁଥ୍, ଚିକିଟି ଏନ୍.ଏ.ସିର ୧୨ଟି ୱାର୍ଡ, ୧୩ଟି ବୁଥ୍, ଦିଗପହଣ୍ଡି ଏନ୍.ଏ.ସିର ୧୧ଟି ୱାର୍ଡ, ୧୪ଟି ବୁଥ୍, ଗଞ୍ଜାମ ଏନ୍.ଏ.ସିର ୧୨ଟି ୱାର୍ଡ, ୧୨ଟି ବୁଥ୍, ଗୋପାଳପୁର ଏନ୍.ଏ.ସିର ୧୧ଟି ୱାର୍ଡ, ୧୧ଟି ବୁଥ୍, ହିଞ୍ଜିଳିକାଟ ମୁନିସିପାଲିଟିର ୨୧ଟି ୱାର୍ଡ, ୨୩ଟି ବୁଥ୍, କବିସୂର୍ଯ୍ୟନଗର ଏନ୍.ଏ.ସିର ୧୮ଟି ୱାର୍ଡ, ୧୯ଟି ବୁଥ୍, ଖଲିକୋଟ ଏନ୍.ଏ.ସିର ୧୨ଟି ୱାର୍ଡ, ୧୩ଟି ବୁଥ୍, କୋଦଳା ଏନ୍.

ବାଲେଶ୍ୱର, ଶୁକ୍ରବାର, ୧୮ ଫେବୃଆରୀ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜଳେଶ୍ୱର ମ୍ୟୁନିସିପାଲଟି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ

ଜଳେଶ୍ୱର, ୧୭/୨(ନିପ୍ର) : ୫୮ବର୍ଷ ପୂର୍ବରୁ ଜଳେଶ୍ୱରପୌରାଞ୍ଚଳଭାବେ ପ୍ରତିଷ୍ଠା ହୋଇଥିବା ବେଳେ ଏହାର ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ଲାଗି ସଂରକ୍ଷଣ ପାଇଁ ପ୍ରଥମେ ଦାବି ହୋଇଥିବା ବେଳେ ଏବେ ଉଚ୍ଚ ନ୍ୟାୟାଳରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଗତ କିଛିବର୍ଷ ଧରି ପୌରାଞ୍ଚଳ ନିବୟାଚନ ହୋଇନଥିବା ବେଳେ ଗତ ୧୫-୧-୨୨ରେ ଗୃହ ଓ ସହରୀବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୧୯୬୪ ମସିହାରୁ ଜଳେଶ୍ୱର ବିଜ୍ଞାପିତ ପରିଷଦ ପ୍ରତିଷ୍ଠା ହୋଇଥିବା ବେଳେ ୨୦୧୩ରୁ ପୌରପରିଷଦଭାବେ କାର୍ଯ୍ୟକରି ଆସୁଛି । ସାମ୍ବିଧାନିକ ବ୍ୟବସ୍ଥାରେ ଜନସଂଖ୍ୟା ଓ କ୍ରମାଗତକୁ ଆଧାର କରି ଏହାର ଅଧ୍ୟକ୍ଷ ସଂରହିତ କରାଯାଏ । ପୌରପରିଷଦର ଜନସଂଖ୍ୟା ଓ କ୍ରମାଗତ ପରିବର୍ତ୍ତନକୁ ନେଇ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ ଅଦ୍ୟାବଧି ୧୬ଥର ନିର୍ବାଚନରୁ ମାତ୍ର ଥରେ ଅନୁସୂଚିତ ଜନଜାତିକୁ ଅଧ୍ୟକ୍ଷ ପଦବିରେ ସଂରକ୍ଷଣ କରାଯାଇଥିଲା । ତେଣୁ ୨୦୨୨ରେ ଏହି ପଦବି ଅନୁସୂଚିତ ଜାତି ନିମନ୍ତେ ସଂରକ୍ଷଣ ଲାଗି ଦାବି ହୋଇ ଆସୁଥିଲା ବେଳେ ତାହା ନ ହୋଇ ଗତ ୩୧-୧-୨୨ରେ ଏହା ଅଣସଂରକ୍ଷିତ ବୋଲି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତିକୁ ଆଧାର କରି ଅଶୋକ କୁମାର ଜେନା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପି(ସି)-୪୬୫୫/୨୨ ପଂଜିକରଣ ହୋଇଛି । ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲାପାଳ, ଗୃହ ଓ ସହରୀ ବିଭାଗର ନିର୍ଦ୍ଦେଶକ ତଥା ସଚିବଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି । ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା ଓ ସସ୍ମିତ ପାତ୍ର ପାଲ୍ୟାମେଣ୍ଟରେ ଅନୁସୂଚିତ ଜାତି/ଜନଜାତିଙ୍କ ଲାଗି ନ୍ୟାର୍ଯ୍ୟ ଦାବିଲାଗି ବହୁ ଦାବି ଉପସ୍ଥାପନ କରିଛନ୍ତି । ବିଜ୍ଞାପନ ପ୍ରକାଶ ପାଇବାପରେ ଜଳେଶ୍ୱର ଆମ୍ବେଦକର ମଂଚର ସଭାପତି ଅଶୋକ ଜେନା ଅନୁସୂଚୀତ ଜାତି ଓ ଜନଜାତିଙ୍କ ସ୍ୱାର୍ଥରକ୍ଷା ଲାଗି ସମ୍ବିଧାନର ନିୟମ ଧାରାକୁ ଅକ୍ଷୁର୍ଣ୍ଣ ରଖିବାକୁ ନିବେଦନ କରିଛନ୍ତି । ତାଙ୍କ ପକ୍ଷରୁ ଏହି ମାମଲାକୁ ବିଶିଷ୍ଟ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ପରିଚାଳନା କରୁଛନ୍ତି ।

ସରକାରୀ ମେଧାବୃତ୍ତିରେ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ଭଦ୍ରକ, ୧୭/୦୨ (ନି.ପ୍ର): ଭଦ୍ରକ ବ୍ଲକ ଶିକ୍ଷାକେନ୍ଦ୍ର (ବି.ଇ.ଓ)ର ସରକାରୀ ମେଧାବୃତ୍ତି ଶିକ୍ଷାବର୍ଷ-୨୦୨୦-୨୧ର ଫଳାଫଳ ପ୍ରକାଶିତ ହୋଇଯାଇଛଅଛି । ନିମ୍ନ ପ୍ରାଥମିକ (ଶ୍ରେଣୀ ତୃତୀୟ) ବୃତ୍ତି ପରୀକ୍ଷାରେ ୧) ସତ୍ୟଜିତ୍ ମାଝି, ୨) ଏ.ଏସ୍. ଜ୍ୟୋତିଶ୍ରୀ ରାଉତ କୃତୀତ୍ୱ ଅର୍ଜନ କରିଛନ୍ତି । ସେହିପରି ପ୍ରାଥମିକ (ଶ୍ରେଣୀ ପଞ୍ଚମ) ବୃତ୍ତି ପରୀକ୍ଷାରେ ୧) ଶ୍ରଦ୍ଧାଞ୍ଜଳୀ ମିଶ୍ର, ୨)ପୂଣ୍ୟତୋୟା ବାରିକ, ୩) ଶୁଭଲକ୍ଷ୍ମୀ ଦାଶ, ୪) ପ୍ରତୀକ୍ଷା କର କୃତିତ୍ୱ ଅର୍ଜନ କରିଛନ୍ତି । ପ୍ରକାଶ ଥାଉକି, ଶ୍ରେଣୀ ତୃତୀୟରେ ଚାରିଜଣ ଓ ଶ୍ରେଣୀ ପଞ୍ଚମରେ ଚାରିଜଣ ପରୀକ୍ଷା ଦେଇଥିଲେ । ବିଦ୍ୟାଳୟରୁ ମୋଟ ୮ଜଣଙ୍କୁ ବି.ଇ.ଓ ପରୀକ୍ଷା ଦେବାକୁ ଅନୁମତି ଦେଇଥିଲେ, ସେମାନଙ୍କ ମଧ୍ୟରୁ ସାତଜଣ କୃତିତ୍ୱ ଅର୍ଜନ କରିଛନ୍ତି । ସମସ୍ତ କୃତି ଶିଶୁ ଗଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ମା ସରସ୍ୱତୀଙ୍କ ନିକଟରେ କାମନା କରିଛନ୍ତି ।

ଚାନ୍ଦମାରୀ ପଡ଼ିଆରେ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୧୭/୦୨ (ନି.ପ୍ର): 'ସହଦେବଖୁଣ୍ଟା କ୍ରିକେଟ କ୍ଲବ' ପକ୍ଷରୁ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସହରର ଚାନ୍ଦମାରୀ ପଡ଼ିଆରେ ଗୁରୁବାର ଉଦଘାଟିତ ହୋଇଯାଇଛି । କ୍ଲବର ସଭାପତି ସମାଜସେବୀ ଅଜୟ କୁମାର ସାମଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହିତ କ୍ଲବର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଯୁବକ୍ରୀଡ଼ା ପ୍ରତିଭାଙ୍କ ବିକାଶରେ କ୍ଲବର ଏହି ଉଦ୍ୟମ ବେଶ ପ୍ରଶସଂନୀୟ ବୋଲି ସେ କହିଥିଲେ । ଏହା ଦ୍ୱାରା ବହୁ ପ୍ରତିଭାବାନ ଖୋଳାଳି ନିଜର ପ୍ରତିଭା ବିକାଶ ପାଇଁ ସୁଯୋଗ ପାଇପାରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ ମତ ଦେଇଥିଲେ । କ୍ଲବର ସମ୍ପାଦକ ସଞ୍ଜୟ କୁମାର ବେହେରା ଉଦଘାଟନୀ କାର୍ଯ୍ୟକ୍ରମରେ ପୌରହିତ୍ୱ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ପ୍ରଭୃତି ଜିଲରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି । ୧୫ ଓଭର ବିଶିଷ୍ଟ ମୋଟ ୭ଟି ମ୍ୟାଚ ଅନୁଷ୍ଠିତ ହେବ । ଦୈନିକ ୨ଟି ଲେଖାଏଁ ମ୍ୟାଚ ଖେଳାଯିବା ସହ ଆସନ୍ତା ୨୦ ତାରିଖ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଉଦଘାଟନୀ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ ରେମୁଣା-୧୧ ଓ ବଡି କ୍ରାଫ୍ଟ ଏବଂ ଦ୍ୱିତୀୟ ମ୍ୟାଚ ସାଇ-୧୧ ଓ ଦରଘା ମଇଦାନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିତ୍ୟପ୍ରସାଦ ମହାନ୍ତି, ସତ୍ୟମ ପ୍ରଧାନ ଓ ଶିବପ୍ରସାଦ ରାୟ ଆମ୍ପାୟର ଭାବେ ପ୍ରଥମ ଦିନର ମ୍ୟାଚ ପରିଚାଳନା କରିଥିଲେ । ରାଜୀବ ବୋଷ, ରଜତ ମହାନ୍ତି, ବିଜନ ବେହରା, ମହେଶ୍ୱର ଓଝା, କୌଶିକ ପାତ୍ର, ଅଶୋକ ଦାସ, ଅଜିତ କୁମାର ସାହୁ, ସୁଧାଂଶୁ ପଣ୍ଡା, ସରୋଜ ମହାନ୍ତି, ରାଜେଶ ରଣା,ଦୀପଜ୍ୟୋତି ମହାନ୍ତି, ଦେବେନ୍ଦ୍ର ସାହୁ, ସୁରଜିତ ମହାନ୍ତି, ହେମନ୍ତ ଦାସ ପ୍ରମୁଖ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ବାରିପଦା ପୋଲିସ ଲାଇନ ମନ୍ଦିରରେ ଅଗ୍ନ୍ୟୁତ୍ସବ ପାଳିତ

ବାରିପଦା, ୧୭/୦୨ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ପୋଲିସ ଲାଇନ ମନ୍ଦିର ପ୍ରାଙ୍ଗଣରେ ଅଗ୍ୟୁତ୍ସବ ପାଳିତ ହୋଇ ଯାଇଛି । ମନ୍ଦିରର ମୁଖ୍ୟ ପୂଜକ ପ୍ରମୋଦ କୁମାର ଦାଶଙ୍କ ପୌରୋହିତ୍ୟରେ ପ୍ରସନ୍ନ କୁମାର ଦାଶ, ରବୀନ୍ଦ୍ର ନାଥ ଦାଶ ପୂଜା କାର୍ଯ୍ୟ ସମାପନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭବାନୀ ଶଙ୍କର ବିଶ୍ୱାଳ, ବଟହରି ମହାକୁଡ, ଗୋବିନ୍ଦ ଚନ୍ଦ୍ର ବେହେରା, ବିମଳ କୁମାର ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ଦାଶ, ଅଶିଷ କୁମାର ପୃଥାଳଙ୍କ ସମେତ ଅନ୍ୟାନ୍ୟ ସେବାୟତ ମାନେ ଉପସ୍ଥିତ ଥିଲେ । ସନ୍ଧ୍ୟା ସମୟରେ ମନ୍ଦିର ପ୍ରାଙ୍ଗଣରେ ପୂଜାକାର୍ଯ୍ୟ ସମାପନ ପୂର୍ବକ ଅଗ୍ନି ସଂଯୋଗ କରା ଯାଇଥିଲା । ପ୍ରତିବର୍ଷ ଏହି ପର୍ବ ଧୁମଧାମରେ ପାଳିତ ହୋଇ ଆସୁଥିବା ବେଳେ ତିନି ବର୍ଷ ଧରି କୋଭିଡ କଟକଣାକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାବେ ଏହା ପାଳିତ ହୋଇ ଆସୁଛି । କେବଳ ସିମୀତ ସେବାୟତ ଏବଂ ଭକ୍ତଙ୍କୁ ନେଇ ଅଗ୍ୟୁତ୍ସବ ପାଳିତ ହୋଇ ଯାଇଛି । ଅଗ୍ନି ସଂଯୋହଗ ପରେ ଉପସ୍ଥିତ ଭକ୍ତଙ୍କ ଭିତରେ ପ୍ରସାଦ ସେବନ ହୋଇଥିଲା ।

ଶାସଙ୍ଗରେ ସରପଞ୍ଚ ପ୍ରାର୍ଥୀ ନଜମା ଖାତୁନଙ୍କ ଜୋରଦାର ପ୍ରଚାର

ବାଲେଶ୍ୱର,୧୭/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନର ଆସନ୍ତା ୨୪ ତାରିଖରେ ମତଦାନ ହେଉଥିବା ସଦର ବ୍ଲକର ଶାସଙ୍ଗ ପଞ୍ଚାୟତରେ ଏବେ ପ୍ରାର୍ଥୀମାନଙ୍କ ପକ୍ଷରୁ ଘମାଘୋଟ ପ୍ରଚାର ଚାଲିଛି । ୧୧ ୱାର୍ଡ଼ ବିଶିଷ୍ଟ ଏହି ପଞ୍ଚାୟତର ଭୋଟର ସଂଖ୍ୟା ୪,୦୯୭ । ଚଳିତ ନିର୍ବାଚନରେ ସରପଞ୍ଚ ପଦ ପାଇଁ ୮ଜଣ ପ୍ରାର୍ଥୀ ରଣାଙ୍ଗନରେ ଉପନୀତ ହୋଇଛନ୍ତି । ମୁଖ୍ୟତଃ ୪ଜଣଙ୍କ ମଧ୍ୟରେ କଡ଼ା ଟକ୍କର ହେଉଥିବା ବେଳେ ଯୁବ ତଥା ଶିକ୍ଷିତ ପ୍ରାର୍ଥୀଙ୍କ ପ୍ରତି ଭୋଟରଙ୍କ ସମର୍ଥନ ବଢୁଥିବା ଲକ୍ଷ୍ୟ କରାଯାଇଛି । ତେବେ ଅନ୍ୟମାନଙ୍କ ତୁଳନାରେ ପ୍ରଚାରରେ ଆଗରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଉଚ୍ଚଶିକ୍ଷିତା ମହିଳା ନଜମା ଖାତୁନଙ୍କ ସମ୍ପର୍କରେ ସାରା ପଞ୍ଚାୟତରେ ଆଲୋଚନା ହେଉଛି । ଏମଏସଡବ୍ଲ୍ୟୁରେ ଡିଗ୍ରୀରେ ଉତ୍ତୀର୍ଣ୍ଣ 'ନଜମା' ସମାଜସେବାକୁ ବ୍ରତ ଭାବେ ଗ୍ରହଣ ପାଇଁ ସିଦ୍ଧାନ୍ତ ନେଇଛନ୍ତି । ଘର ଘର ବୁଲି କ୍ୟାମ୍ପେନିଂ କରିବା ଅବସରରେ ସୂର୍ଯ୍ୟ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିବା ସାଙ୍ଗକୁ ତାଙ୍କର ପ୍ରାର୍ଥୀ ହେବାର ଆଭିମୁଖ୍ୟ ସମ୍ପର୍କରେ ସେ ଭୋଟରମାନଙ୍କୁ ବୁଝାଉଛନ୍ତି । ତାଙ୍କ ପ୍ରତି ସବୁବର୍ଗ ଭୋଟରଙ୍କର ସମର୍ଥନ ବଢୁଥିବା ବେଳେ ନିଜର ବିଜୟକୁ ନେଇ ସେ ବେଶ ଆଶାବାଦୀ ଥିବା ଲକ୍ଷ୍ୟ କରାଯାଇଛି । ବିଶେଷ କରି ଏହି ନିର୍ବାଚନରେ ଅଧିକ ସଂଖ୍ୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ତାଙ୍କ ପାଇଁ ବେଶ ସୁଯୋଗ ଆଣିଛି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି ।

ଜଳେଶ୍ୱରରେ ସାର୍ବଜନନୀ ରାଧାକୃଷ୍ଣଙ୍କ ମାଘି ରଥ ଅନୁଷ୍ଠିତ

ଜଳେଶ୍ୱର ୧୭/୨(ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଂଚାୟତ ପେଣ୍ଡରାସାହି ଗାଁରେ ବୁଧବାର ରାଧାକୃଷ୍ଣଙ୍କ ମାଘିରଥ ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ୫୦ବର୍ଷ ଧରି ୧୯୭୨ ମସିହାଠାରୁ ପ୍ରତିବର୍ଷ ଏହି ଉତ୍ସବ ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତବର୍ଷ କୋଭିଡ୍ କଟକଣାରେ ସୀମିତି ଭକ୍ତଙ୍କ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ୧୦ଜଣ ଛୋଟ ଛୋଟ ପିଲାଙ୍କୁ ରାଧାକୃଷ୍ଣ ବେଶରେ ସଜାଇ ଗ୍ରାମ ପରିକ୍ରମା କରାଯାଇଥିଲା । ମାଘମାସରେ ଏପରି ରଥ ଅନୁଷ୍ଠିତ ହେଉଥିବାରୁ ଏହାକୁ ମାଘିରଥ ବୋଲି କୁହାଯାଏ । ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ରଜତ୍ ଚନ୍ଦ୍ର ଦାସ, ମୁଖ୍ୟବକ୍ତାଭାବେ ପ୍ରଧାନ ଶିକ୍ଷକ ବୃନ୍ଦାବନ ବେହେରା, ସମ୍ମାନୀତ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶଚନ୍ଦ୍ର ରାଉଳ, ସାମ୍ବାଦିକ ଅମର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ମାଘିରଥର ସଂସ୍କୃତି ଓ ଉପାଖ୍ୟାନ ସମ୍ପର୍କରେ କହିଥିଲେ । ଇଂ ବ୍ରଜେନ୍ଦ୍ର ନାଥ ଘୋଷ ସଭାପତିତ୍ୱ କରିଥିବା ବେଳେ ନବକୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ରଜକାନ୍ତ ଦାସଙ୍କ ରଚିତ ଇତିହାସର ଆଇନା ପୁସ୍ତକ ଉନ୍ମୋଚନ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୌରାଙ୍ଗ ଚରଣ ଦାସ ଛେରାପହଁରା କରିଥିବା ବେଳେ ବ୍ରଜକାନ୍ତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏପରି ଉତ୍ସବ ଦେଖିବା ଲାଗି ବହୁ ଭକ୍ତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଉଦଳା ପ୍ରେସ କ୍ଲବ ତରଫରୁ ଶୋକସଭା ଓ ନିନ୍ଦା ପ୍ରସ୍ତାବ ଆଗତ

ଉଦଳା,୧୭/୦୨ (ନି.ପ୍ର): ଉଦଳା ପ୍ରେସ କ୍ଲବ ତରଫରୁ ଆଜି ଫେବୃଆରୀ ୧୭ ତାରିଖ ଗୁରୁବାର ଦିନ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ବିଶିଷ୍ଟ କବି ତଥା ଦୈନିକ ଖବର କାଗଜ 'ସର୍ବସାଧାରଣ'ର ସମ୍ପାଦକ ହରପ୍ରସାଦ ପରିଛା ପଟ୍ଟନାୟକଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି ଅରୁଣ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏହାପରେ କ୍ଲବର ସଂପାଦକ ଜଗବନ୍ଧୁ ପ୍ରଧାନ ପୁରି ଜିଲ୍ଲା କଣାସ ବ୍ଲକର ପଠାଲ ଠାରେ ପଞ୍ଚାୟତ ବୁଥ ଜବରଦଖଲ ଖବର ପାଇ ବୈଦ୍ୟୁତିକ ଗଣମାଧ୍ୟମର ଦୁଇ ଜଣ ପ୍ରତିନିଧିଓ ତାଙ୍କର ଦୁଇଜଣ ସହଯୋଗୀଙ୍କୁ ଖବର ସଂଗ୍ରହ ସମୟରେ ମାଡ଼ ମରାଯିବା ଘଟଣାର ଦୃଢ଼ ବିରୋଧ କରିବା ସହିତ ଏଥିପାଇଁ ଏକ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ । ଏହାକୁ କ୍ଲବର ଉପଦେଷ୍ଟା ଆନନ୍ଦ ଦାସ, କୋଷାଧକ୍ଷ ସୁରେଶ୍ୱର ଜେନା, ସଦସ୍ୟ ସୁବ୍ରତ କୁମାର ମହାନ୍ତି, ହିମାଦ୍ରୀ ଶେଖର ପାଲ, କୃଷ୍ଣ ଚୈତନ୍ୟ ସଦୁଆଳ, ସାଲାଏ ମାର୍ଣ୍ଡି, ସନ୍ତୋଷ ବେହେରା, ଯୋଗେନ୍ଦ୍ର ମହାପାତ୍ର, ଚନ୍ଦ୍ର ଶେଖର ପରିଡ଼ା ଇତ୍ୟାଦି ସମସ୍ତ ସଦସ୍ୟ ସମର୍ଥନ କରିବା ସହିତ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଦାବୀ ଜଣାଇଥିଲେ ।

ଜଳେଶ୍ୱର ସହରତଳି ଅଂଚଳରେ ହାତୀ ଆତଙ୍କ

ଜଳେଶ୍ୱର,୧୭/୦୨ (ନି.ପ୍ର): ବୁଧବାର ରାତିରେ ବାଲେଶ୍ୱର ଜିଲାର ଜଳେଶ୍ୱର ସହରତଳି ସୁବର୍ଣ୍ଣରେଖା ନଦୀକୂଳ ଅଂଚଳକୁ ଏକ ଦନ୍ତା ପଶିଆଶିଥିଲା । ସକାଳେ ଏହାକୁ ଦେଖି ଲୋକେ ଆତଙ୍କିତ ହୋଇ ପଡିଥିଲେ । ଲୋକେ ଭୟଭିତ ହୋଇ ଜଂଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ହାତୀଟି ବିରିଷପୁର, ଗୋପ, ଜଳେଶ୍ୱର ପୌରାଞ୍ଚର ବିଭିନ୍ନ ସ୍ଥାନରେ ଘୁରିବୁଲୁଥିବା ବେଳେ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ନଦୀ ପାରି କରିବାପାଇଁ ଚେଷ୍ଟା ଜାରି ରଖିଥିଲେ । ଅପରାହ୍ନ ୫ଟା ବେଳକୁ ବନବିଭାଗ ଓ ସବୁଜ ବାହିନୀ ହାତୀକୁ ସୁବର୍ଣ୍ଣରେଖା ନଦୀପାରି କରାଇବାରୁ ସେ ରାଇବଣିଆ ଅଂଚଳକୁ ପଶିଥିଲା । ଗୋଠ ଖଣ୍ଡି ହାତୀଟି ଏକ ସପ୍ତାହ ପୂର୍ବେ ଏହି ଅଂଚଳରେ ଥିବା ବେଳେ ବନବିଭାଗ ରାସଗୋବିନ୍ଦପୁର ଜଂଗଲକୁ ଘଉଡାଇ ଥିଲେ । ଜଂଗଲ ଅଂଚଳ ଗୁଡିକ ସଂକୁଚିତ ହେଉଥିବା ଯୋଗୁଁ ହାତୀଗୁଡିକ ଗାଁ ଓ ସହର ମୁହଁ ହେଉଛନ୍ତି । ହାତୀଟି ନଦୀକୂଳେ କୂଳେ ପରିବାଚାଷ ଖାଇବା ସହିତ ବ୍ୟାପକ ନଷ୍ଟ କରିଛି । ରାଇବଣିଆ ଅଂଚଳର ରଂଗାମାଟିଆ, ଆମ୍ବତୁମ୍ବା, ଜହ୍ନିଫୁଲିଆ ଜଂଗଲ ନିକଟରେ ଥିବା ଗାଁ ଗୁଡିକୁ ଚଳିତବର୍ଷ ବାରମ୍ବାର ହାତୀ ଉପଦ୍ରବ କରି ଆସୁଛି । ହାତୀ ଗ୍ରାମମୁହଁ ହୋଇନ ପାରିବାପାଇଁ କେତେକ ଅଂଚଳରେ ଟ୍ରେଞ୍ଚ ଖୋଳାଯାଇଥିଲେ ମଧ୍ୟ ତାହା କାମରେ ଆସୁନାହିଁ । ଖବର ଲେଖା ହେଲା ବେଳକୁ ହାତୀଟି ପୁଣି ଫେରିଆସି ସୁବର୍ଣ୍ଣରେଖା ନଦୀର ପଠାରେ ବୁଲୁଥିବା ଦେଖିବାକୁ ମିଳିଛି ।

କଡା ନିରାପତ୍ତାରେ ଜଳେଶ୍ୱରର ୪୪୬ ଭୋଟବାକ୍ସ : ଭୋଟହାର ୭୮ ପ୍ରତିଶତ

ଜଳେଶ୍ୱର,୧୭/୦୨ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ତ୍ରୀସ୍ତରୀୟ ନିର୍ବାଚନ ପରିସମାପ୍ତି ପରେ ୪୪୬ଟି ଭୋଟବାକ୍ସ ଦୀନକୃଷ୍ଣ କଲେଜ ପରିସରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି । ସିସିଟିଭି ସୁରକ୍ଷା ବଳୟ ମଧ୍ୟରେ ଏହି ଟ୍ରଙ୍ଗରୁମ୍ ଥିବା ବେଳେ ସଶସ୍ତ୍ର ଦିବାରାତ୍ର ଜଗିଛି ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ଅଶ୍ୱିନୀ କୁମାର ଦାସ କହିଛନ୍ତି । ଜଳେଶ୍ୱର ବ୍ଲକ ଅଂଚଳରେ ୩୫ ପଂଚାୟତର ୧୫୮୯୮ ଭୋଟର ଥିବା ବେଳେ ୭୮ପ୍ରତିଶତ ଭୋଟର ସେମାନଙ୍କ ମତସାବ୍ରସ୍ତ କରିଥିବା ଶ୍ରୀ ଦାସ କହିଛନ୍ତି । ପ୍ରକାଶଯୋଗ୍ୟ ଏହା ରାଜ୍ୟର ଅନ୍ୟ ସ୍ଥାନମାନଙ୍କ ଠାରୁ ସର୍ବାଧିକ । ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ଶେଷ ହୋଇଥିବାରୁ ଭୋଟର ମାନଙ୍କୁ ବିଧାୟକ ବିଜେଡି ଜିଲା ସଭାପତି ଇଂ ରବିନ୍ଦ୍ର ଜେନା, ଅଶ୍ୱିନୀ ପାତ୍ର, କଂଗ୍ରେସ ରାଜ୍ୟପ୍ରବକ୍ତା ସୁଦର୍ଶନ ଦାସ, କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡା, ବିଜେପିର ପ୍ରବୀର ପ୍ରଧାନ, ଅରୁଣ ବେଜ, ଜୟନାରାୟଣ ମହାନ୍ତି, ରଘୁନାଥ ମହାନ୍ତି ପ୍ରମୁଖ ଧନ୍ୟ ଜଣାଇଛନ୍ତି । ଭୋଟ ବାକ୍ସ ଗୁଡିକ ଦୀନକୃଷ୍ଣ କଲେଜରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିବା ବେଳେ ସେଠାରେ ୨୪ ଘଟିଣ୍ଟି ସିସିଟିଭି ଓ ସଶସ୍ତ୍ର ପୁଲିସ୍ ଜଗିବାର ବ୍ୟବସ୍ଥା ହୋଇଛି । ଷ୍ଟ୍ରଙ୍ଗରୁମ୍‌ର ଚାବି ଜଳେଶ୍ୱର ଟ୍ରେଜେରୀରେ ରଖାଯାଇଥିବା ଜଣାଯାଇଛି । ଏହାବ୍ୟତିତ କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ବାହାରପଟୁ ସିସିଟିଭି ବଳୟର ଫଟୋଚିତ୍ର ଦେଖିବାର ବ୍ୟବସ୍ଥା କରାଯାଇଛି । ଆସନ୍ତା ୨୬ ତାରିଖରୁ ୨୮ତାରିଖ ମଧ୍ୟରେ ଜିଲା ନିର୍ବାଚନ-କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ଗଣତି ହେବ ଓ ଫଳାଫଳ ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଛନ୍ତି ।

ହେଲ୍‌ଦୀ ଲାଇଫ ମହାବିଦ୍ୟାଳୟର ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

ବାଲେଶ୍ୱର, ୧୭/୦୨ (ନି.ପ୍ର): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ପରିସରରେ ନବାଗତ ସ୍ନାତକ (M-A Yoga) ଛାତ୍ରଛାତ୍ରୀମାନଙ୍କ